୨୭/୨/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୧୭,୦୫୧/- ସୁନା: ୨୫.୫୮୦ ଗ୍ରାମ୍ ରୁପା: ୧୨.୮୦୦ ଗ୍ରାମ୍





# ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ଓ ମହିଳା କ୍ରିକେଟ୍ ଏକାଡେମୀ ଉଦ୍‌ଘାଟିତ




## ଆଭାସୀରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ

## ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ

ପୁରୀ, ୨୭।୨(ସମିସ)

ଉଦ୍‌ଘାଟିତ ହୋଇଛି ସ୍ଥାନୀୟ ପେଣ୍ଟକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଓ ମହିଳା କ୍ରିକେଟ ଏକାଡେମୀ। ମଙ୍ଗଳବାର ଅପରାହ୍ନରେ ଆଭାସୀ ମାଧ୍ୟମରେ ଏହି ଉନ୍ନତ କ୍ରୀଡ଼ା ଭିତ୍ତିଭୂମିକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅତ୍ୟାଧୁନିକ କ୍ରୀଡା ଭିତ୍ତିଭୂମି ଯୁବ କ୍ରୀଡାବିତଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ। ରାଜ୍ୟ ସରକାର କ୍ରୀଡା ଓ କ୍ରୀଡାବିତ୍‌ଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଆମ କ୍ରୀଡା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରାଯାଉଛି। କ୍ରୀଡାବିତ୍‌ଙ୍କ ସ୍ୱପ୍ନ ପୂରଣ ପାଇଁ ଏକ ବିଶ୍ୱାସର ବାତାବରଣ ସୃଷ୍ଟି କରାଯାଇଛି। କ୍ରୀଡାବିତ୍ ନିଜର ସ୍ୱପ୍ନ ପୂରଣ ସହ ରାଜ୍ୟ ଓ ଦେଶ ପାଇଁ ସମ୍ମାନ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରାରମ୍ଭରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ରାଜ୍ୟ ସରକାର କ୍ରୀଡ଼ାର ଭିତ୍ତିଭୂମିକୁ ସୁଦୃଢ଼ିକରଣ ପାଇଁ ପୂର୍ବରୁ ୬୭୦ କୋଟି ଟଙ୍କା ଖର୍ଚ୍ଚ କରିବା ସହ ଐତିହାସିକ ବାରବାଟୀ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ କରିବାର ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ କ୍ରିକେଟ ସହ ସନ୍ତରଣାଗାର, ଜିମ୍ନାଷ୍ଟିକ ଓ ଖୋଖୋ କ୍ରୀଡା ପାଇଁ ପ୍ରଶିକ୍ଷଣର ବ୍ୟବସ୍ଥା। ରହିଛି ରହିଛି। କ୍ରୀଡାବିତ୍‌ଙ୍କ ପାଇଁ ହଷ୍ଟେଲରେ ଉନ୍ନତ ଓ ଗୁଣାତ୍ମକ ରହିବା ବ୍ୟବସ୍ଥା, ପରିପୁଷ୍ଟ ଭୋଜନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଇତ୍ୟାଦିକୁ ସୁନିଶ୍ଚିତ କରାଯାଇଛି। ତେବେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା କ୍ରିଡା ସଂସଦର ପୂର୍ବତନ ଉପ ସଭାପତି ରାମ ଚନ୍ଦ୍ର ଦାସ ମହାପାତ୍ର, ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଅନ୍ୟାନ୍ୟ ସଦସ୍ୟ, କ୍ରୀଡାବିତ ଓ କ୍ରୀଡା ହଷ୍ଟେଲରେ ରହୁଥିବା ଅନ୍ତେବାସୀ ଯୋଗଦେଇଥିଲେ। ଏହାବ୍ୟତୀତ ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ।

## ଷ୍ଟାଡିୟମ୍‌ରେ ରହିଛି ଅତ୍ୟାଧୁନିକ ଭିତ୍ତିଭୂମି

**ପୁରୀ, ୨୭।୨(ସମିସ):** ରାଜ୍ୟ ସରକାର କ୍ରୀଡା ଓ କ୍ରୀଡାବିତ୍‌ଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ବିଭିନ୍ନ କ୍ରୀଡ଼ାରେ ଓଡ଼ିଶାର ଖେଳାଳୀମାନେ ଯେପରି ନିଜକୁ ପ୍ରତିପାଦିତ କରିବେ ସେ ନେଇ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ଉଦ୍ଦେଶ୍ୟରେ ପୁରୀରେ ତିଆରି ହୋଇଛି ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ଏବଂ ମହିଳା କ୍ରିକେଟ ଏକାଡେମୀ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ତେବେ ଏହି ଷ୍ଟାଡିୟମ ପରିସରରେ ଖେଳାଳୀମାନଙ୍କ ପାଇଁ ରହିଛି ଅତ୍ୟାଧୁନିକ ଭିତ୍ତିଭୂମି।

ପୁରୀରେ ଅନେକ କ୍ରୀଡ଼ା ପ୍ରତିଭା ଅଛନ୍ତି। ଯେଉଁମାନେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସୁନାମ ଆଣିଛନ୍ତି। କିନ୍ତୁ ଏକ ଭଲ ଷ୍ଟାଡ଼ିୟମ ନ ଥିବାରୁ ସେମାନଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିଛି। ଅନେକ ପ୍ରତିଭାବାନ ଖେଳାଳି ଥିଲେ ମଧ୍ୟ ଉପଯୁକ୍ତ କ୍ରୀଡ଼ା ଭିତ୍ତିଭୂମିର ଅଭାବ ଏବଂ ସଠିକ ତାଲିମ ନ ପାଇବାରୁ ନିରାଶ ହେଉଥିଲେ। ତେଣୁ ରାଜ୍ୟ ସରକାର ଏହି ଅସୁବିଧାକୁ ହୃଦୟଙ୍ଗମ କରି ଏଠାରେ ଏକ ଉନ୍ନତମାନର ଷ୍ଟାଡିୟମ ନିର୍ମାଣର ପରିକଳ୍ପନା କରିଥିଲେ। ଫଳସ୍ୱରୂପ ପେଣ୍ଟକଟାରେ ୧୩.୬୭୦ ଏକର ଜମିରେ ଶ୍ରୀଜଗନ୍ନାଥ ଷ୍ଟାଡିୟମର ଭିତ୍ତିପ୍ରସ୍ତର ପଡ଼ିଥିଲା। ୨୦୧୮ ରେ ଏହି ଷ୍ଟାଡିୟମ କାମ ଆରମ୍ଭ କରାଯାଇଥିଲା। ୨୦୨୧ରେ ଏହାର କାମ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ୨୦୧୯ରେ ଫନୀ ଏବଂ ପରେ ପରେ କରୋନା ପାଇଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅନେକ ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ ପୁରୀରେ ଏହି ଉନ୍ନତମାନର ଷ୍ଟାଡିୟମ୍ ତିଆରି କରାଯାଇଛି। ପ୍ରାୟ ୭୦ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ଷ୍ଟାଡିୟମରେ କ୍ରିକେଟ୍, ଜିମ୍ନାଷ୍ଟିକ୍ ଏବଂ ସୁଇମିଂ ପାଇଁ ଅତ୍ୟାଧୁନିକ ସୁବିଧା ରହିଛି। ଏଠାରେ ଖେଳାଳୀମାନଙ୍କ ପାଇଁ ଚେଞ୍ଜିଂ ରୁମ୍, ୱାଶ୍‌ରୁମ୍, କିଚେନ, ଡାଇନିଂ ଆଦି ସୁବିଧା କରାଯାଇଛି। ସେହିପରି ଅଫିସିଆଲଙ୍କ ଲାଗି ମଧ୍ୟ ସମସ୍ତ ପ୍ରକାର ସୁବିଧା ଅଛି। ସବୁ ପ୍ରତିଯୋଗିତାର ସ୍ୱତନ୍ତ୍ର ଗ୍ୟାଲେରୀ ରହିଛି। ଏକକାଳୀନ ୧ ହଜାର ଦର୍ଶକ ବସି ଜିମ୍ନାଷ୍ଟିମ୍ ମ୍ୟାଚ ଏବଂ ପ୍ରାୟ ୭୦୦ ଦର୍ଶକ ସନ୍ତରଣ ପ୍ରତିଯୋଗିତା ଦେଖିବା ଲାଗି ସୁବିଧା କରାଯାଇଛି। ଏଠାରେ ଅନ୍ତର୍ଜାତୀୟସ୍ତରର ସୁଇମିଂପୁଲ (ଲମ୍ବ ୫୦ ମିଟର ଏବଂ ପ୍ରସ୍ଥ ୨୫ ମିଟର) ନିର୍ମାଣ କରାଯାଇଛି।

ଏହି ପଡ଼ିଆରେ ପୁରୀର ଯୁବ କ୍ରିକେଟର ପ୍ରାକ୍ଟିସ୍ କରୁଛନ୍ତି। ସେହିପରି ଜିମ୍ନାଷ୍ଟିକ ଏବଂ ସନ୍ତରଣ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ସୁଇମିଂରେ ୨୫୦ ଜଣ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଜିମ୍ନାଷ୍ଟିକ୍‌ରେ ୧୫୦ ପିଲାଙ୍କୁ ତାଲିମ ଦିଆଯାଉଛି। ଏହି ଦୁଇଟି କ୍ରୀଡ଼ାରେ ପ୍ରଶିକ୍ଷଣ ଦେବା ଲାଗି ଅଭିଜ୍ଞତାସମ୍ପନ୍ନ କୋଚ୍ ରହିଛନ୍ତି। ଏଠାରେ ମହିଳା କ୍ରିକେଟ୍ ଏକାଡେମୀ ଖୋଲାଯାଇଛି। ତେବେ ଷ୍ଟାଡିୟମ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ସ୍ପୋର୍ଟ୍ସ ହଷ୍ଟେଲ୍ (କ୍ରୀଡା ଛାତ୍ରାବାସ) ରହିଛି। ବର୍ତ୍ତମାନ ଛାତ୍ରାବାସରେ ଜିମ୍ନାଷ୍ଟିକ, କବାଡି ଓ ଖୋଖୋର ପ୍ରାୟ ୫୫ ଜଣ ପିଲା ରହିଛନ୍ତି। ସେହିପରି ମହିଳା କ୍ରିକେଟର ପ୍ରାୟ ୩୦ ଜଣ ଏଠାରେ ରହି ପ୍ରଶିକ୍ଷଣ ନେବେ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି।

## କଇଁଛଙ୍କ ସୁରକ୍ଷା ହେବ ବାଲୁଖଣ୍ଡ ଅଭୟାରଣ୍ୟ

### ନୂଆ ଡିଏଫ୍‌ଓଙ୍କୁ ସ୍ମାରକପତ୍ର ଦେଲେ ସ୍ୱେଚ୍ଛାସେବୀ

**ପୁରୀ, ୨୭।୨(ସମିସ):** ବାଲୁଖଣ୍ଡ ଅଭୟାରଣ୍ୟ। ପୁରୀ ସହରର ସୁରକ୍ଷା କବଚ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ହେଲେ ଏହି ଅଭୟାରଣ୍ୟ ଏବେ ତା'ର ଚିରହରିତ ପରିଚୟ ହରାଇବାକୁ ବସିଲାଣି। ପ୍ରାକୃତିକ ଦୁର୍ବିପାକ ଏବଂ ମନୁଷ୍ୟର ମାତ୍ରାଧିକ ହସ୍ତକ୍ଷେପ ଫଳରେ ଧୀରେ ଧୀରେ ବାଲୁଖଣ୍ଡ ଅଭୟାରଣ୍ୟରୁ ଗଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେଣୁ ଏହାର ଯେପରି ସୁରକ୍ଷା ହୋଇପାରିବ ସେଥିଲାଗି ନୂତନ ଭାବେ ପୁରୀର ବନଖଣ୍ଡ ଅଧିକାରୀ ଭାବେ ଯୋଗଦେଇଥିବା ବିବେକ କୁମାରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ସେଭ୍ କୋଷ୍ଟାଲ ଲାଇଫ୍‌ର ସରୋଜ କୁମାର ଜେନା। ସେ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ବାତ୍ୟାର ପ୍ରଭାବ ପଡ଼ିଲେ ଜଙ୍ଗଲରେ ଥିବା କିଛି ବରଗଛ ଓ ତାଳଗଛକୁ ଛାଡିଦେଲେ ପ୍ରାୟ ଅନ୍ୟ ଗଛ ଧରାଶାୟୀ ହେଉଛି। ବରଗଛର ଶତାବ୍ଦୀ ଶତାବ୍ଦୀ ଧରି ବଞ୍ଚିବାର କ୍ଷେମତା ରହିଥିବାରୁ ଏ ବର୍ଷ ଅଧିକ ବରଗଛ ଓ ତାଳଗଛ ଲଗାଯାଉ। ଅଭୟାରଣ୍ୟ ଭିତର ଦେଇ ଯାଇଥିବା ବେଳାମାର୍ଗରେ ଦ୍ରୁତଗତିରେ ଗାଡ଼ି ଚଳାଚଳ ନ କରିବା ପାଇଁ ସଚେତନ କରାଯାଉ। ଏହାଦ୍ୱାରା ଜଙ୍ଗଲ ଜୀବଜନ୍ତୁ ସୁରକ୍ଷିତ ରହିବେ। ରାମଚଣ୍ଡୀଠାରେ ସଂରକ୍ଷିତ ଜଙ୍ଗଲରେ ବଣ ଭୋଜି ହେଉଛି, ଯାହା ବନାଗ୍ନି ଭଳି ପରିସ୍ଥିତି ସୃଷ୍ଟି କରିବା ସମ୍ଭାବନା ରହିଛି। ସେହିପରି ସାହୁ ଖଣତିଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ସମୁଦ୍ର ପଟକୁ ବଣଭୋଜି ପାଇଁ ବାରଣ କରାଯାଉ। କାରଣ ଅନେକ ପ୍ଲାଷ୍ଟିକ ସେହିଠାରୁ ସିଧା ସମୁଦ୍ରକୁ ଯାଇଥାଏ। ଚନ୍ଦ୍ରଭାଗା ଉପକୂଳରେ ମରିଯାଇଥିବା ଝାଉଁ ଗଛ ଜାଗାରେ ନୂଆ ଚାରା ଲଗାଯାଉ। ସବୁ ଇଡିସି ଯେପରି କି କରମଙ୍ଗା, ବାଙ୍ଗର, ବାଲିକପିଳେଶ୍ୱର ଇତ୍ୟାଦିକୁ ସେମାନଙ୍କ ପରିସର ଜଙ୍ଗଲକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଅନୁରୋଧ କରାଯାଉ। ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀଗୁଡିକରେ ଅଧିକ ସଚେତନ ଫଳକ ଓ ଯୋଗାଯୋଗ ନମ୍ବର ଲେଖାଯାଉ। ଜଙ୍ଗଲ ଭିତରେ ଥିବା ଅସ୍ଥାୟୀ ଦୋକାନରୁ ବାହାରୁଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ସେମାନେ ନ ଫିଙ୍ଗିବା ପାଇଁ ନିର୍ଦ୍ଦେଶ ଦିଆଯାଉ। ସାମୁଦ୍ରିକ କଇଁଛଙ୍କ ପ୍ରଜନନ ଋତୁ ଚାଲିଥିବାରୁ ସମୁଦ୍ର ଉପକୂଳକୁ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରାଯାଇଛି। ମାତ୍ର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲରକୁ ଧରିବା ପାଇଁ ପାଟ୍ରୋଲିଂକୁ କଡ଼ାକଡ଼ି ଏବଂ କଇଁଛଙ୍କ ସୁରକ୍ଷାରେ ନିଯୋଜିତ କର୍ମଚାରୀମାନେ ବେଳାଭୂମିରେ ଲାଗୁଥିବା ମଲା କଇଁଛର ସଠିକ ତଥ୍ୟ ଦେବା ପାଇଁ ଅନୁରୋଧ କରିଛନ୍ତି ଶ୍ରୀ ଜେନା। ଏହାଦ୍ୱାରା ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବା ସହ କଇଁଛଙ୍କ ସୁରକ୍ଷା ଦିଗରେ ବିଭାଗୀୟ କର୍ମଚାରୀ ଅଧିକ ଯତ୍ନବାନ ହୋଇପାରିବେ ବୋଲି ଶ୍ରୀ ଜେନା ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପ୍ରସ୍ତାବ ଉପରେ ଯଥାସମ୍ଭବ ସକରାତ୍ମକ ପଦକ୍ଷେପ ନେବା ଲାଗି ଡିଏଫ୍‌ଓ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି।

### ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳିତ

## ସେବା ଓ ତ୍ୟାଗର ପ୍ରତୀକ ଥିଲେ ଆଚାର୍ଯ୍ୟ ହରିହର

ପୁରୀ, ୨୭।୨(ସମିସ)

ଆଚାର୍ଯ୍ୟ ହରିହରଙ୍କ ସେବା, ସମର୍ପଣ ଓ ତ୍ୟାଗ ତାଙ୍କୁ ଚିର ଅମର କରି ରଖିଥିବ। ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ମଣିଷ ଚରିତ୍ରକୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଗାନ୍ଧୀଘାଟଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଆଚାର୍ଯ୍ୟ ହରିହରଙ୍କ ବାଗ୍ମିତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣାର ଉତ୍ସ ବୋଲି କହିଥିଲେ।



ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡ଼ା, ସ୍ମୃତି ସଂସଦର ସଦସ୍ୟ ମାୟାଧର ମହାରଣା, ଡ. ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ସର୍ବଧର୍ମ ପ୍ରାର୍ଥନା ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ସ୍ମୃତି ସଂସଦର ସଦସ୍ୟ ସୁକାନ୍ତ କୁମାର ମହାନ୍ତି, ଜୟନ୍ତୀ ମହାପାତ୍ର, ବାସୁଦେବ ସାହୁ, ଜ୍ୟୋତ୍ସ୍ନା ନାୟକ, ଇଂ. ଗିରିଜା ଶଙ୍କର ପାଢ଼ୀ, ଗଙ୍ଗାଧର ଦାଶ, ଯଜ୍ଞଦତ୍ତ ପାଇକ, ରୂପରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ନବ କିଶୋର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଘକୁ ନେଇ ଆତଙ୍କ; ଭିଡ଼ିଓ ଭାଇରାଲ, ସ୍ପଷ୍ଟ କରିପାରୁନି ବନ ବିଭାଗ

**ପୁରୀ, ୨୭।୨(ସମିସ):** ପୁରୀ ସତ୍ୟବାଦୀ ଅଞ୍ଚଳରେ ବାଘ! ଧାନ କିଆରୀରେ ବାଘ ବୁଲୁଥିବାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଅଳଗୁମ୍ ପଞ୍ଚାୟତ ସିଂହାଗୁଡା ଗାଁ ବିଲରେ ବାଘ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହୁଛନ୍ତି। ଏପରି କି ନିଜ ମୋବାଇଲ ଫୋନରେ ଭିଡ଼ିଓ ଉତ୍ତୋଳନ ମଧ୍ୟ ଉତ୍ତୋଳନ କରିଛନ୍ତି। ସୋମବାର ଏହା ଜଣାପଡ଼ିବା ପରେ ସତ୍ୟବାଦୀ ଅଞ୍ଚଳରେ ବାଘକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ସତ୍ୟବାଦୀରେ ସେମିତି କୌଣସି ଘଞ୍ଚ ଜଙ୍ଗଲ ନ ଥିବାବେଳେ ଏହାକୁ ନେଇ ଜନସାଧାରଣଙ୍କ ମନରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏ ସଂକ୍ରାନ୍ତରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ କର୍ମଚାରୀ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇନାହାନ୍ତି। ଏ ସମ୍ପର୍କରେ ପୁରୀ ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ଗତକାଲି ଏକ ଭିଡ଼ିଓ ଭାଇରାଲ ହୋଇଛି। ଖବର ପାଇବା ପରେ ବନ କର୍ମଚାରୀ ଯାଇଥିଲେ। କିନ୍ତୁ ପାଇନାହାନ୍ତି। ଭିଡ଼ିଓରୁ ଯାହା ଜଣାପଡୁଛି ଏହା କଲରାପତରିଆ ବାଘ କିମ୍ବା ଫିସିଂ କ୍ୟାଟ୍ ହୋଇଥାଇପାରେ। ତେବେ ବିଭାଗ ଘଟଣା ଉପରେ ନଜର ରଖିଛି ବୋଲି ଡିଏଫ୍‌ଓ କହିଛନ୍ତି।

## କବିତା ସଂକଳନ 'ଢେଉ ଢେଉକା' ଉନ୍ମୋଚିତ



**ପୁରୀ, ୨୭।୨(ସମିସ):** ଓଡ଼ିଆ କବିତାର ଏକ ଉର୍ବର ଐତିହ୍ୟ ରହିଛି। ହଜାରେ ବର୍ଷ ଧରି ଓଡ଼ିଆ କବିତା ଓଡ଼ିଶାର ପ୍ରକୃତି, ଲୋକକଥା ଓ ଜୀବନଧାରାକୁ ଚିତ୍ରଣ କରିଆସୁଛି। ଚିଲିକା ଭାରତବର୍ଷରେ ଏକ ପ୍ରାକୃତିକ ହ୍ରଦ ଭାବରେ ପ୍ରସିଦ୍ଧି ଅର୍ଜନ କରିଛି। ସାରଳା ଦାସଙ୍କ ମହାଭାରତଠାରୁ ସମକାଳୀନ କବିମାନଙ୍କ ଦ୍ୱାରା ଚିଲିକା ଭିନ୍ନ ଭିନ୍ନ ପର୍ଯ୍ୟାୟରେ ନୂତନ ରୂପରେ କବିତାରେ ଆତ୍ମପ୍ରକାଶ କରିଛି ବୋଲି ଅଧ୍ୟାପକ ତାପସ କୁମାର ଜେନାଙ୍କ ସମ୍ପାଦିତ ଚିଲିକା ସମ୍ପର୍କିତ କବିତା ମାନଙ୍କର ଏକ ମନୋଜ୍ଞ ସଂକଳନ 'ଢେଉ ଢେଉକା'ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାତପଡ଼ାର ରାଜହଂସ ପ୍ରକୃତି ଉଦ୍ୟାନ ଭିତରେ ସାରସ୍ୱତ ଅନୁଷ୍ଠାନ 'ଅଭିନନ୍ଦନିକା' ପକ୍ଷରୁ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ଓ ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ 'ଜନସୁଧା' ସାହିତ୍ୟ ପତ୍ରିକାର ସମ୍ପାଦକ ଦିଲୀପ କୁମାର ବେଉରା, ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଶାନ୍ତ ପଣ୍ଡା ଏବଂ ଅଧ୍ୟାପିକା ଡ. ହେନେରିଟା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହିତ ମତ ରଖିଥିଲେ। ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି କାମଦେବ ମହାରଣା, ସୌଭାଗିନୀ ସ୍ୱାଇଁ, ରଞ୍ଜୁଲତା ବେଉରା, ଅଧ୍ୟାପକ ବସନ୍ତ କୁମାର ସେଠୀ, ପ୍ରିୟଦର୍ଶିନୀ ପଲେଇ, ବବିତା ମହାପାତ୍ର, ଅମୀୟ କୁମାର ଜେନା, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ତମ୍ଭକାର ଜ୍ଞାନ ବିଜୟିନୀ ବେଉରା ଧନ୍ୟବାଦ ଦେଇଥିଲେ।

### ଗୁଣ୍ଡିଚା ମନ୍ଦିର ଦର୍ଶନ ନାଁରେ ଶୋଷଣ

## ବନ୍ଦ ଜାଣି ବି ଭକ୍ତଙ୍କୁ ଆଣୁଛନ୍ତି ଗାଡ଼ି ଚାଳକ

ପୁରୀ, ୨୭।୨(ସମିସ)

ପ୍ରାୟ ଚାରିବର୍ଷ ହେବ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ଯାଉନାହାନ୍ତି। ହେଲେ ବାହାରୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ଏ ବିଷୟରେ ଜଣାଉନାହାନ୍ତି ଗାଡ଼ି ଚାଳକ, ଯେଉଁଥିପାଇଁ ସେମାନେ ମନ୍ଦିର ନିକଟକୁ ଆସି ପୁଣି ଫେରିଯାଉଛନ୍ତି। ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ଥିବା ପୁରୀ ସହରର ଅଟୋ, ଇ-ଅଟୋ, କାର ଆଦି ଗାଡ଼ିର ଚାଳକମାନେ ଜାଣିଛନ୍ତି। କିନ୍ତୁ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଏବଂ ବିଭିନ୍ନ ହୋଟେଲରୁ ଯାତ୍ରୀ, ପର୍ଯ୍ୟଟକଙ୍କୁ ଧରି ମନ୍ଦିର ଦର୍ଶନ କରାଇବାକୁ ଆଣୁଛନ୍ତି। ଏହାଦ୍ୱାରା ଅଯଥାରେ ଭକ୍ତ, ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣର ଶିକାର ହେବାକୁ ପଡୁଥିବା ବେଳେ ସମୟ ବି ଅପଚୟ ହେଉଛି।

ଓଡ଼ିଶାରେ କୋଭିଡ଼ କଟକଣା ଲାଗୁ ପରଠାରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରଖାଯାଇଛି। ପ୍ରାୟ ଚାରିବର୍ଷ ହେଲାଣି ଏହି କଟକଣା ରହିଛି। ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିରରେ ଗହଳି ଲାଗୁଛି। ଆଡପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର। ଯାହା ଶ୍ରଦ୍ଧାଳୁଙ୍କୁ ନିରାଶ କରିଛି। ପ୍ରଚାର, ପ୍ରସାର ଅଭାବରୁ ପ୍ରତିଦିନ ଶହ ଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ଯିବାକୁ ଭୁଲି ନ ଥାନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥାନ୍ତି। କିନ୍ତୁ ଚାରିବର୍ଷ ହେବ ଏହା ବନ୍ଦ ରହିଛି। କୋଭିଡ଼ ଲାଗି ଏହାକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯିବା ପରେ ଏବେ ମରାମତି ଲାଗି ବନ୍ଦ ରଖାଯାଇଛି।

ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ବିଭିନ୍ନ ମହଲରୁ ବାରମ୍ବାର ଦାବି ହୋଇଆସୁଛି। ବାହାରୁ ଆସୁଥିବା ଭକ୍ତ ବିଶେଷକରି ପଶ୍ଚିମବଙ୍ଗର ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାକୁ ଅଧିକ ଆଗ୍ରହ ଦେଖାଇଥାନ୍ତି। ହେଲେ ବର୍ଷ ବର୍ଷ ଧରି ବନ୍ଦ ପଡ଼ିଥିବାରୁ ସେମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। ଏହାକୁ ନଜରରେ ରଖି କିଛି ମାସ ତଳେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା। ମନ୍ଦିରରେ ଚାଲିଥିବା



ମରାମତି କାମ ସରିଲେ ଏହାକୁ ଖୋଲାଯିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ପ୍ରାୟ ଦେଢବର୍ଷ ବିତିଯିବ। ହେଲେ ମରାମତି କେବେ ସରିବ ଏବଂ ଗୁଣ୍ଡିଚା ମନ୍ଦିର କେବେ ଖୋଲିବ ସେ ନେଇ କିଛି ଠିକ୍‌ଠିକଣା ନାହିଁ। କିନ୍ତୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ବୁଲିବାକୁ ଆସି ନିରାଶ ହୋଇ ଫେରୁଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୁଣ୍ଡିଚା ମନ୍ଦିର ପରିଦର୍ଶନ ବାହାନାରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଶୋଷଣର ଶିକାର ହେଉଛନ୍ତି। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ମଧ୍ୟରୁ ଅନେକ ବିଭିନ୍ନ ହୋଟେଲରେ ରହିଥାନ୍ତି। ପୁଣି କେହି ସକାଳେ ଟ୍ରେନ୍, ବସ୍ ଯୋଗେ ପହଞ୍ଚିଥାନ୍ତି। ସେମାନଙ୍କୁ ବିଭିନ୍ନ ମଠ, ମନ୍ଦିର ଏବଂ ଦର୍ଶନୀୟ ସ୍ଥାନ ବୁଲାଇବା ପାଇଁ ଅଟୋ, ଇ-ଅଟୋ, କାର୍ ଆଦି ବିଭିନ୍ନ ଗାଡ଼ି ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଏବଂ ବିଭିନ୍ନ ହୋଟେଲରେ ସମ୍ମୁଖରେ ପହଞ୍ଚନ୍ତି। ବାହାରୁ ଆସିଥିବା ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ସମ୍ପର୍କରେ ଜାଣି ନ ଥାନ୍ତି। ଯଦି ସେମାନେ ଗୁଣ୍ଡିଚା ମନ୍ଦିର ବୁଲିବାକୁ ବାହାରନ୍ତି ତେବେ ବନ୍ଦ ଥିବା ଜାଣି ମଧ୍ୟ ବିଭିନ୍ନ ଗାଡ଼ିର ଚାଳକ କିଛି କୁହନ୍ତି ନାହିଁ। ସେମାନଙ୍କୁ ଗାଡ଼ିରେ ଧରି ମନ୍ଦିର ସମ୍ମୁଖରେ ପହଞ୍ଚିଯାନ୍ତି। ହେଲେ ଗାଡ଼ିରୁ ଓହ୍ଲାଇବା ପରେ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଦେଖନ୍ତି। ନିକଟସ୍ଥ ଦୋକାନରେ ପଚାରି ବୁଝନ୍ତି। ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଶୁଣିବା ପରେ ମନ ଦୁଃଖରେ ଫେରନ୍ତି। ଅନେକ ମଧ୍ୟ ମନ୍ଦିର ଆଗରେ ଠିଆ ହୋଇ ମୋବାଇଲରେ ସ୍ମୃତି ସାଉଣ୍ଟି ଫେରିଯାନ୍ତି। ହେଲେ ବିଭିନ୍ନ ସମୟରେ ଅଟୋ ଚାଳକଙ୍କ ସହିତ ଭକ୍ତ, ପର୍ଯ୍ୟଟକଙ୍କ ପାଟିତୁଣ୍ଡ ହୋଇଥାଏ। ଗୁଣ୍ଡିଚା ମନ୍ଦିର ଯଦି ବନ୍ଦ ରହିଛି ନ କହି ଏଠାକୁ ଆଣି ହଇରାଣ କରୁଛ କାହିଁକି, ଆମର ସମୟ ନଷ୍ଟ ହେଲା ଏମିତି କେତେ କ'ଣ କୁହନ୍ତି। ହେଲେ ଗାଡ଼ି ଚାଳକ କିଛି ଶୁଣି ନ ଥାନ୍ତି। ଚାଳକ ଭଡ଼ା ଆଦାୟ କରିବା ଲକ୍ଷ୍ୟରେ ଭକ୍ତ, ପର୍ଯ୍ୟଟକଙ୍କୁ ଏମିତି ହଇରାଣ କରୁଥିବା ପ୍ରତିଦିନ ଦେଖିବାକୁ ମିଳୁଛି। ଏଥିପ୍ରତି ଶ୍ରୀମନ୍ଦିର ଏବଂ ଜିଲ୍ଲା ପ୍ରଶାସନ ନଜର ଦେବା ଦରକାର ବୋଲି କୁହାଯାଉଛି।

# ଏସ୍ଏଚ୍ଜିଙ୍କୁ ସୁଧ ଫେରସ୍ତ ସମାବେଶ



## ୧୨୭୧ ମହିଳା ଗୋଷ୍ଠୀଙ୍କୁ ୭୩ ଲକ୍ଷ ୮୬ ହଜାର ୩୩୨ ଟଙ୍କାର ଚେକ ପ୍ରଦାନ

**ସାକ୍ଷୀଗୋପାଳ, ୨୭।୨(ସମିସ):** ମିଶନ ଶକ୍ତି ମାଧ୍ୟମରେ ଋଣ ନେଇଥିବା ମହିଳା ଗୋଷ୍ଠୀଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଧ ଛାଡ ଅର୍ଥ ପ୍ରଦାନ କରାଯାଇଛି। ସତ୍ୟବାଦୀ ବ୍ଲକ ପରିସରରେ ମିଶନ ଶକ୍ତି ଓ ୫-ଟି ମାଧ୍ୟମରେ ଋଣ ନେଇଥିବା ମହିଳା ଗୋଷ୍ଠୀଙ୍କୁ ସେମାନଙ୍କ ସୁଧ ଟଙ୍କା ଛାଡ କରାଯାଇଥିବା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ବିଡିଓ ଲିପିସା ରାୟ, ସିଡିପିଓ ରାଜଲକ୍ଷ୍ମୀ ଦାଶ, ବିପିଏମ ଶାଶ୍ୱତୀ ଦାଶ, ବିପିଏ ସୁପିୟା ସୁବୁଦ୍ଧି, ମିଶନ ଶକ୍ତି ମହାସଂଘର ନାରୀନେତ୍ରୀ କନକଲତା ପଣ୍ଡା, ଲକ୍ଷ୍ମୀପିୟା ମହାପାତ୍ର କୋଷାଧ୍ୟକ୍ଷା ମାନିନି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀରାମଚନ୍ଦ୍ରପୁରର ଇଉରାୟଣୀ ସଞ୍ଚୟ ସମିତି ସଠିକ ସମୟରେ ଋଣ ନେଇଥିବା ଅର୍ଥ ପୈଠ କରିଥିବାରୁ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କ ଠାରୁ ୫୩ ହଜାର ୭୫୩ ଟଙ୍କାର ଚେକ ଗ୍ରହଣ କରିଛନ୍ତି। ସତ୍ୟବାଦୀ ବ୍ଲକରେ ମିଶନ ଶକ୍ତି ମାଧ୍ୟମରେ ୨୦୮୦ଟି ଗ୍ରୁପ ରହିଛି। ସେମାନଙ୍କ ମଧ୍ୟରୁ ୧୩୪୭ଟି ଗ୍ରୁପ ଋଣ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨୭୧ଟି ମହିଳା ଗୋଷ୍ଠୀ ୭୩ଲକ୍ଷ ୮୬ ହଜାର ୩୩୨ ଟଙ୍କା ସୁଧ ଛାଡ ପାଇଥିବା ସମ୍ପର୍କରେ ସତ୍ୟବାଦୀ ବ୍ଲକର ବିପିଏମ ଶାଶ୍ୱତୀ ଦାଶଙ୍କ ଠାରୁ ସୂଚନା ମିଳିଛି।

**ଡେଲାଙ୍ଗ:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ମିଶନ ଶକ୍ତି ମହିଳାଙ୍କ ପାଇଁ ବଡବଜାରର ଶୁଭ ଆରମ୍ଭ କରିଥିଲେ। ଏହି ପରିପ୍ରେକ୍ଷିରେ ଡେଲାଙ୍ଗ ବ୍ଲକ ପରିସରରେ ଏହାର ସିଧା ପ୍ରସାରଣ ସମାବେଶ ଅନୁଷ୍ଠିତ



ହୋଇଯାଇଛି। ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସମାବେଶରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ କୁମାର ସାହୁ, ଦିପ୍ତିଶ୍ରୀ ରାଉତରାୟ, ସିଡିପିଓ ଜାପାନୀ କୁମାରୀ ମିତ୍ର, ବିପିଏମ୍ ନନ୍ଦିତା ସ୍ୱାଇଁ, ଡେଲାଙ୍ଗ ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ନିରଞ୍ଜନ ପଣ୍ଡିତ, ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ ପ୍ରଧାନ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଇନ୍ଦିପୁର, ଘୋରଡିଆ ଶାଖା ପରିଚାଳକଙ୍କ ସମେତ ବ୍ଲକ ମିଶନ ଶକ୍ତି ମହିଳା ମହାସଂଘ ସଭାପତି ବିଦୁଲତା ସ୍ୱାଇଁ, ସମ୍ପାଦିକା ପ୍ରତିମା ପାତ୍ର ପ୍ରମୁଖ ଯୋଗଦେଇ ମହିଳା ମାନଙ୍କ ପାଇଁ ଶୁଭ ଆରମ୍ଭ ହୋଇଥିବା ବଡ ବଜାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବଡ ବଜାର ଦ୍ୱାରା ମହିଳାମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ମିଶନ ଶକ୍ତି ବଜାର ମାଧ୍ୟମରେ ସୁଲଭ ଦରରେ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ। ମହିଳାଙ୍କୁ ବିନା ସୁଧରେ ୧୦ ଲକ୍ଷଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ, ୟୁନିଫର୍ମ ଓ ବ୍ଲେଜର ପ୍ରଦାନ କରାଯିବ। ଶେଷରେ ୫୦ ଟି ମହିଳା ଗୋଷ୍ଠିଙ୍କୁ ବ୍ୟାଙ୍କ ପକ୍ଷରୁ ସୁଧଫେରସ୍ତ ଚେକ୍ ପ୍ରଦାନ କରାଯାଇଥିଲା।

**ପିପିଲି:** ପିପିଲି ବ୍ଲକ ନିକଟ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ମହିଳା ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରଫୁଲ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମହିଳାମାନେ ଘରୁ ଗୋଡ଼ କାଢି ବାହାରକୁ ଯାଇପାରି ନିଜେ ନିଜ ପରିବାରକୁ ଚଳାଇପାରୁଛନ୍ତି। ମୋ ନିର୍ବାଚନ ମଣ୍ଡଳୀର ସମସ୍ତ ମା' ଆଜି ସ୍ୱାବଲମ୍ବୀ ହେବା ସହିତ ନିଜ ପରିବାର ମୁହଁରେ ହସଫୁଟାଇ ପାରୁଛନ୍ତି। ଅନ୍ୟତମ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ଭାବରେ ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ ବିଡ଼ିଓ ସରୋଜ ରାଉତ ସାଂସଦଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ ସିଡ଼ିପିଓ ତପସ୍ୱିନୀ ସୁନା ବିପିଏମ ବବିତା ଜେନା ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ବ୍ଲକ ମିଶନ ଶକ୍ତି ସଂଯୋଜିକା ଶ୍ରୀମତୀ ସଂଗିତା ସମାନ୍ତରାୟ ବିଏଲଫ ସମ୍ପାଦିକା ନିରୁପମା ମହାପାତ୍ର ଲିପିକା ମହାପାତ୍ର ସତ୍ୟଭମା ପ୍ରଧାନ ଝୁନାମଣୀ ମଲ୍ଲିକ ବିଏଲଏସି ରଶ୍ମି ରଞ୍ଜିତା ପ୍ରଧାନ ପ୍ରତିଶ ଦାସ ଅଜୟ ପ୍ରଧାନ ୨୫ ଗୋଟି ପଞ୍ଚାୟତର ୫୦ଟି ଗୋଷ୍ଠୀର ୧୧ ଲକ୍ଷ ୪୮ ହଜାର ଟଙ୍କା ଏନ୍ଏସିର ୨ ଗୋଷ୍ଠିର ମିଶନ ଶକ୍ତିର ମହିଳାମାନଙ୍କୁ ୧ ଲକ୍ଷ ୧୮ ହଜାର ଟଙ୍କା ବ୍ୟାଙ୍କ ଋଣ ଫେରସ୍ତ ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ମିଶନ ଶକ୍ତି ସଂଯୋଜିକା ଶ୍ରୀମତୀ ସଂଗିତା ସାମନ୍ତରାୟ ପରିଚାଳନା କରିଥିଲେ। ଏଥିରେ ବ୍ଲକର ସମସ୍ତ ବ୍ୟାଙ୍କ ମିତ୍ର ଏମବିକେ ଏବଂ ସିଆରପି ମାନଙ୍କ ସହିତ ମିଶନଶକ୍ତିର ମା'ମାନେ ସାମିଲ ହୋଇ ଥିଲେ।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ମହିଳା ଗୋଷ୍ଠିଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଡ଼ିପିଓ ମନୋରମା ଦେବୀ, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ରାଜୀବ ସାହୁ, କାନରା



ବ୍ୟାଙ୍କ ଶାଖା ପରିଚାଳକ ସି.ଏଚ.ସମ୍ପିତ ସୁବୁଦ୍ଧି, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସହକାରୀ ନିର୍ବାହ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ସାଗର କନ୍ୟା ମିଶନ ଶକ୍ତି ଫେଡରେଶନର ସଭାନେତ୍ରୀ ସମ୍ପାଦିକା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏହି ବିନା ସୁଧରେ ଋଣ ବ୍ୟବସ୍ଥା ମାଆମାନଙ୍କୁ ଆହୁରି ଅଧିକ ସଶକ୍ତ କରିବ ବୋଲି କହିବା ସହ ଋଣର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଚେକ ପ୍ରଦାନ କରାଯାଇଥିଲା। ଏପିଓ ଅଭିନ୍ନ କୁମାର ପଲାଇ ମଞ୍ଚ ପରିଚାଳନା କରିଥିଲେ। ବିପିଏ ଅମିତାଭ ବିଶ୍ୱାଳ, ବିପିସି ସାବିତ୍ରୀ ପଶ୍ଚିମ କବାଟ, ବିପିଏମ ଉମାକାନ୍ତ ମିଶ୍ର, ଏସଟିସି ଶିବରାମ ଭୋଇ, ବିଏଲସି ସବିତା ତରାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଗମ୍ଭାରୀପଦା:** ମୁଖ୍ୟମନ୍ତ୍ରୀଙ୍କ ସୁଧ ଫେରସ୍ତ କାର୍ଯ୍ୟକ୍ରମ କାକଟପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। କାକଟପୁର ବ୍ଲକ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ



ସଂଯୋଜକ ନୟନ କୁମାର ଜେନାଙ୍କ ଦ୍ୱାରା ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ସମ୍ମାନିତ ଅତିଥି ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ବିଏଲଏଫ ସଭାନେତ୍ରୀ ଚାରବାଳା ଖୁଣ୍ଟିଆ, ସମ୍ପାଦିକା ଲିଲିପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ରହି ସାଙ୍କେତିକ ଭାବେ ଯେଉଁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ସରକାରଙ୍କ ନୀତି ନିୟମ ମୁତାବକ ଲୋନ କ୍ଲିୟର କରିଥିଲେ ସେମାନଙ୍କୁ ଡମିଚେକ୍ ମାଧ୍ୟମରେ ୫୦ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୩ଲକ୍ଷ ୨୯ ହଜାର ୩୦ଟଙ୍କା ସୁଧ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୧୨୦୫ଏସ ଏଚ ଜିଙ୍କୁ ୮୩ଲକ୍ଷ ୩୩ହଜାର ୬୨୯ଟଙ୍କା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ।

**ନିମାପଡ଼ା:** ନିମାପଡ଼ା ଟାଉନହଲ ଠାରେ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ତନୁପ୍ରଭା ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ମହିଳାଙ୍କୁ ଅଧିକ ସଶକ୍ତି କରିଛି ବୋଲି କହିଥିଲେ। ରାଜ୍ୟ ସରକାର ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ ସବୁବେଳେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟସରକାର ବିନା ସୁଧରେ ୧୦ ଲକ୍ଷ ଟଙ୍କା



ପର୍ଯ୍ୟନ୍ତ ମିଶନ ଶକ୍ତି ରୁଣ ପ୍ରଦାନ, ପୂର୍ବରୁ ନେଇଥିବା ରୁଣ ଟଙ୍କାର ସୁଧ ଟଙ୍କା ଫେରସ୍ତ ସାଙ୍ଗକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମହିଳାଙ୍କୁ ୟୁନିଫର୍ମ ଓ ବ୍ଲେଜର ସହାୟତା ଯୋଜନା ମୁଖ୍ୟମନ୍ତ୍ରୀ କାର୍ଯ୍ୟକାରୀ କରିଛନ୍ତି ବୋଲି ବିଧାୟକ ଶ୍ରୀ ଦାଶ ସୂଚନା ଦେଇଥିଲେ। ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳର ୨୭୨୭ ମହିଳା ସ୍ୱୟଂସହାୟକ ଗୋଷ୍ଠିଙ୍କୁ ୧ କୋଟି ୪୦ ଲକ୍ଷ ଟଙ୍କା ସୁଧ ଫେରସ୍ତ କରାଯାଇଥିଲା। ଏହି ଋଣ ମେଳା ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସ୍ୱୟା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଜିଲ୍ଲା ପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ବ୍ଲକ କାର୍ଯ୍ୟକାରୀ ସଂଯୋଜକ ଦେବବ୍ରତ ବିଶ୍ୱାଳ, ବିପିଏମ ମଧୁଛନ୍ଦା ପ୍ରଧାନ, ମହିଳା ମହାସଂଘର ସଭାନେତ୍ରୀ ସୌଦାମିନୀ ବେହେରା, ସମ୍ପାଦକ ମମତା ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଓ ଏନ୍ଏସି ଅଞ୍ଚଳରୁ ମହିଳା ସ୍ୱୟଂସହାୟକ ଗୋଷ୍ଠି, ଏମ୍ବିକେ, ସିଆର୍ପି ଓ ବ୍ୟାଙ୍କ ମିତ୍ରମାନେ ଉପସ୍ଥିତ ଥିଲେ।

**(ଫ-୧୮) ଗୋପ:** ଗୋପ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୭୮ ଲକ୍ଷ ଟଙ୍କା ସୁଧ ଛାଡ଼ କରାଯାଇଥିବା ବେଳେ ଏହି



ଅର୍ଥରାଶି ବଣ୍ଟନ କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି ଯୋଗ ଦେଇ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ମହିଳାମାନେ ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଗୋପ ବିଡ଼ିଓ ଛବିରାଣୀ ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନାକ୍ଷୀ ସାହୁ ଯୋଗ ଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିବାବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝୁନୁ ମଲ୍ଲିକ୍, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ସେହିପରି ଗୋପ ବ୍ଲକରେ ମୋଟ ୩୯୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିବା ବେଳେ ୩୦୨୪ଟି ଗୋଷ୍ଠୀ ଋଣ ନେଇ ସଠିକ୍ ଭାବେ ପରିଶୋଧ କରିଥିବା ଓ ଶୁଦ୍ଧ ବାବଦକୁ ୧ କୋଟି ୭୮ ଲକ୍ଷ ୩୩ ହଜାର ୯୩୫ ଟଙ୍କା ପ୍ରଦାନ କରିଥିବା ସୂଚନା ଦେବା ସହ ଏହି ଟଙ୍କାକୁ ରାଜ୍ୟ ସରକାର ଛାଡ଼ କରିଥିବା ମିଶନ ଶକ୍ତି ବିଭାଗ ପ୍ରୋଜେକ୍ଟ କୋଡ଼ିନେଟର ଟିକିନା ବେହେରା ମତବ୍ୟକ୍ତ କରିଥିଲେ। ସେହିପରି ଓଡ଼ିଶା ଜୀବିକା ମିଶନର ଦୀପାଲି ଛାଟୋଇ ସମସ୍ତ ମିଶନ ଶକ୍ତି ମହିଳାଙ୍କୁ ୧ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ମିଳିବା ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହିଳା ମହାସଂଘ ସମ୍ପାଦିକା ରେଣୁବାଳା ନାୟକ, ଓଡ଼ିଶା ଜୀବିକା ମିଶନର ଚିନ୍ମୟୀ କୋଠାରୀ, ରୁବିଲତା ଓଝା, ସିଆର୍ପି ଓ ଏମ୍ବିକେ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ୍ଧୁକ ଦେଖାଇ ୯୮ ହଜାର କିସ୍ତି ଟଙ୍କା ଲୁଟ

**ଡେଲାଙ୍ଗ, ୨୭।୨ (ସମିସ):** ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ଘରୋଇ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଆକ୍ରମଣ କରି ୯୭ହଜାର ୮ଶହ ୧୨ ଟଙ୍କା ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣା ମୁତାବକ ଗତ ସୋମବାର ଦିନ ୨ଟା ସମୟରେ ଭାରତ ଫାଇନାନ୍ସ ଲିମିଟେଡ ପିପିଲି ବ୍ରାଞ୍ଚରେ କାର୍ଯ୍ୟରତ ବ୍ରହ୍ମଗୀରି ଅଞ୍ଚଳର କାଳିକିଙ୍କର ପଲେଇ ନାମକ ଜଣେ କର୍ମଚାରୀ ମହିଳା ଗୋଷ୍ଠିଙ୍କ ଠାରୁ କିସ୍ତି ଟଙ୍କା ଆଦାୟ କରି ପିପିଲି ସ୍ଥିତ ନିଜ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରୁଥିଲେ। ସେହି ସମୟରେ ୟାମା ଆର ୱାନ୍ ଫାଇଭ୍ ଗାଡିରେ ୩ଜଣ ଯୁବକ କର୍ମଚାରୀ ଜଣକୁ ପିଛା କରିବା ସହିତ ଡେଲାଙ୍ଗ-ପିପିଲି ମୁଖ୍ୟ ରାସ୍ତାର ଓଡତରବୋଇ ଛକ ଠାରୁ ଅନତି ଦୂରରେ ନିଛାଟିଆ ପାଇ ତାଙ୍କ ବ୍ୟାଗକୁ ଭିଡିଥିଲେ। ଯାହା ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତମାନେ ଗାଡିରୁ ଓହ୍ଲାଇ ବନ୍ଧୁକ ପଛପଟେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ ଓ ବ୍ୟାଗ ଛଡାଇନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ଘଟଣା ବିଷୟରେ ଅବଗତ ହୋଇ ସ୍ଥାନୀୟ ଲୋକେ ତାଙ୍କୁ ଡେଲାଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବ୍ୟାଗ ଭିତରେ କିସ୍ତି ଟଙ୍କା ସହିତ ଗୋଟିଏ ଟାବ୍ଲେଟ ଫୋନ୍, ଆଧାର କାର୍ଡ, ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଫିଙ୍ଗରପ୍ରିଣ୍ଟରଣ୍ଟ ସ୍କାନର୍ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ୬୮/୨୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଦୁର୍ବୃତ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

## ୧୮ ଗ୍ରାମ ବ୍ରାଉନସୁଗର ଜବତ; ୨ ଗିରଫ

**ଚାରିଛକ, ୨୭।୨ (ସମିସ):** ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ଠାରୁ ଚାରିଛକ ପୁଲିସ ଆଜି ପ୍ରାୟ ୧ଲକ୍ଷ ୮୦ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ୨ ବ୍ରାଉନସୁଗର ବେପାରୀ ହେଲେ ଅମରେଶ୍ୱର ଅଞ୍ଚଳର ରତିକାନ୍ତ ନାୟକ ଓ ବିନିଶପୁର ଅଞ୍ଚଳର ତାପସ ଭୋଇ। ଖବରରୁ ପ୍ରକାଶ ଯେ, କୌଣସି ସୂତ୍ରରୁ ଖବରପାଇ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଅମରେଶ୍ୱର ଠାରେ ଏକ ବାଇକରେ ବ୍ରାଉନ ସୁଗାର ନେଇ ଯାଉଥିବା ରତିକାନ୍ତ ଓ ତାପସକୁ ଅଟକାଇ ଯାଞ୍ଚ କରିବା ବେଳେ ସେମାନଙ୍କ ଠାରୁ ୧୮ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲେ। ଧରାପଡ଼ିଥିବା ଏହି ୨ ବ୍ରାଉନସୁଗର ବେପାରୀଙ୍କୁ ପୁଲିସ ଗିର' କରି ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ପୁଲିସ ବ୍ୟବହୃତ ବାଇକକୁ ଜବତ କରିଛି।

## ନୟାହାଟ ଅଞ୍ଚଳରୁ ଚୋରି

**ନୟାହାଟ, ୨୭ ।୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଲ ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ରହୁଥିବା ଦୈତାରି ବିଶ୍ୱାଳ ଘରେ ସୋମବାର ଦିନ ବିଳମ୍ବିତ ରାତିରେ କେହି ନ ଥିବା ବେଳେ ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଘରେ ଥିବା ଦୁଇଟି ସୁନା ଚେନ, ନଗଦ ଏକ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ଏନେଇ ମଙ୍ଗଳବାର ଦିନ ଦୈତାରି ବିଶ୍ୱାଳ ନୟାହାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଯୋଗେଶ୍ୱପୁର ବଜାର ରେ ଥିବା ଏକ ଜଳଖିଆ ଦୋକାନ କେବିନ ଭାଙ୍ଗି ନଗଦ ୨ ହଜାର ଟଙ୍କା ଓ ୩ ଟା ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଛି ବୋଲି ଅଭିଯୋଗ ହୋଇଛି।ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ କୁନାଲ କୁମାର ତଦନ୍ତ ଆରମ୍ଭ କରିଛନ୍ତି।

## ଆମ୍ବର ବାହାରଣା ରାସ୍ତା ଭିତ୍ତିପ୍ରସ୍ତର



**ଚାରିଛକ/ନୟାହାଟ, ୨୭।୨ (ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ଛକ ଠାରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ନୂତନ ରାସ୍ତା କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତା ଆମ୍ବରରୁ ବାହାରଣା, ଆଲୁଦଣ୍ଡା ପାଟଣାରୁ ବାହାରଣାକୁ ଉନ୍ନତି କରଣ କରିବା ପାଇଁ ଫେବୃଆରୀ ୨୭ ତାରିଖ ମଙ୍ଗଳବାର ଦିନ ଭିତିପ୍ରସ୍ତର ସ୍ଥାପନ ବିଧାୟକ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ କୁଶାଲ ହେମ୍ବ୍ରମ, ଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରବୀର କୁମାର ବଳ, ପୂର୍ବତନ ବ୍ଲକ ଉପାମକ୍ଷ ଅଜୟ କୁମାର ସ୍ୱାଇଁ, ଛଣିଜଙ୍ଗ ପଞ୍ଚାୟତ ବିଜେଡି ସଭାପତି ସୁବାସ ଚନ୍ଦ୍ର ବାରିକ ସରପଞ୍ଚ ଅଜୟ କୁମାର ପରିଡ଼ା, ସମିତିସଭ୍ୟା ଲକିବାଳା ନାୟକ, ପୂର୍ବତନ ସମିତିସଭ୍ୟ ସୂର୍ଯ୍ୟ ନାରାୟଣ ପରିଡ଼ା, ବାହାରଣା ସରପଞ୍ଚ ଅମିତା ସ୍ୱାଇଁ, ସମିତିସଭ୍ୟ ସନ୍ତୋଷ ମେକାପ, ଗଗନ ବିହାରୀ ସାହୁଙ୍କ ସମେତ ବିଭାଗୀୟଅଧିକାରୀ ଓ ପଞ୍ଚାୟତ ଜନ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଯୋଗିତା

କୃଷ୍ଣପ୍ରସାଦ, ୨୭ ।୨(ସମିସ):ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ପ୍ରାଥମିକ ବିଦ୍ୟାଳୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଆରସିସି ସତ୍ୟବ୍ରତ ସାହୁ ଉଦ୍ଘାଟନ କରିଥିଲେ। ଆରପି ମହନ୍ତ କୁମାର ଜେନା, ସନ୍ତୋଷ କୁମାର ବେହେରା, ବିଇଓ ଅଫିସ ବଡବାବୁ ଉଗ୍ରେସନ ଶଙ୍ଖୁଆଳ, ସର୍ବେଶ୍ୱର ସ୍ୱାଇଁ, ସିଆରସିସି ସୁନୀଲ କୁମାର ଜେନା, ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ହରପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଚୌକି ଡ଼ିଆଁ, ଆଳୁ ଚାମଚ, ମ୍ୟୁଜିକ ଚେୟାର, ଝିଲାପି ଖିଆ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗିଙ୍କୁ ମାନପତ୍ର ସହିତ ସିଲ କପ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଆଇଭି ପ୍ରତିଯୋଗିତା ଗୁଡ଼ିକ ପରିଚାଳନାରେ ସହଯୋଗ କରିଥିଲେ।

## ଜୟଦୁର୍ଗା କ୍ରିକେଟ୍ ଉଦ୍ଯାପିତ; କେଶରପୁର କ୍ଲବ୍ ଚାମ୍ପିଅନ

**କଣାସ, ୨୭ ।୨(ସମିସ):** କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତର କେଶରପୁର ଗ୍ରାମରେ ଜୟଦୁର୍ଗା କ୍ରିକେଟ୍ କ୍ଲବ ପକ୍ଷରୁ ଅନୁଷ୍ଠିତ କ୍ରିକେଟ୍ ମ୍ୟାଚ ଉଦ୍ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ କେଶରପୁର କ୍ରିକେଟ୍ କ୍ଲବ ଓ କୁଞ୍ଜେଶ୍ୱରୀ କ୍ରିକେଟ୍ କ୍ଲବ କଣାସ ମଧ୍ୟରେ ହୋଇଥିଲା। ଟସ୍ଜିତି ଜୟଦୁର୍ଗା କ୍ରିକେଟ୍ କ୍ଲବ ୧୦ଓଭର ଖେଳି ୬ଟି ଉଇକେଟ୍ ହରାଇ ୧୭୬ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସିରେ କୁଞ୍ଜେଶ୍ୱରୀ କ୍ରିକେଟ୍ କ୍ଲବ ୧୦ଓଭର ଖେଳି ୪ଟି ଉଇକେଟ୍ ହରାଇ ୧୫୫ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲେ। ଜୟଦୁର୍ଗା କ୍ଲବର ଡ୍ୟାନି ପଟ୍ଟନାୟକ ବ୍ୟକ୍ତିଗତ ୭୬ରନ୍ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ



ହୋଇଥିବା ବେଳେ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ କରିଥିବାରୁ ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଉମାକାନ୍ତ ପଟ୍ଟନାୟକ, ଶୁଭରଞ୍ଜନ ପଟ୍ଟନାୟକ, ପ୍ରଭାସ ସୁନ୍ଦରାୟ, ସତ୍ୟ ବେହେରା, ହରିହର ସାମନ୍ତରାୟ, ପବିତ୍ର ରାୟ, ପୂର୍ଣ୍ଣ ପ୍ରଧାନ, ପ୍ରଫୁଲ ଜେନା, ହୃଷିକେଶ ରଣସିଂହ, ମହାବୀର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିଅନଦଳକୁ ଟ୍ରଫି ସହ ୧୧ହଜାର ୧୧ଟଙ୍କା ଏବଂ ରନ୍ର୍ସଅପ ଦଳକୁ ରନସ୍ ଟ୍ରଫି ସହ ୭ହଜାର ୭ଟଙ୍କା ପ୍ରଦାନ କରିଥିଲେ।

### ଅଗ୍ରୀମ ଭତ୍ତା ଟଙ୍କା ନେଇ ଫେରାଉ ନାହାନ୍ତି ଅଧିକାରୀ
## ଗୋପ ବ୍ଲକ୍ରୁ ତଥ୍ୟ ସଂଗ୍ରହ କଲା ଭିଜିଲାନ୍ସ ଟିମ୍

**ଗୋପ, ୨୭ ।୨(ସମିସ):** ଗୋପ ବ୍ଲକରେ ଭତ୍ତା ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଅଗ୍ରୀମ ଭତ୍ତା ଟଙ୍କା ନେଇ କେତେକ ସରକାରୀ କର୍ମଚାରୀ ଟଙ୍କା ଫେରାଉନଥିବା ଗୁରୁତର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ଭିଜିଲାନ୍ସ ଡ଼ିଏସ୍ପି ସୁରେନ୍ଦ୍ର ବଳଙ୍କ ନେତୃତ୍ୱରେ ଏକ ଦୁଇ ଜଣିଆ ଟିମ୍ ଗୋପ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅଗ୍ରୀମ ନେଇଥିବା କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଭିଜିଲାନ୍ସ ବିଭାଗ କେତେକ ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ଜବତ କରିଥିବାବେଳେ ଆଉ କେତେକ ଫାଇଲ୍ ସମ୍ପର୍କରେ ତଥ୍ୟ ମାଗିଥିବା ଜଣାପଡ଼ିଛି।

## ପଲ୍ଲି ଛକରୁ ମୃତ ହେଟାବାଘ ଉଦ୍ଧାର

**ନୟାହାଟ, ୨୭ ।୨(ସମିସ):** ନୟାହାଟ ବଡଲାଙ୍ଗ ପଞ୍ଚାୟତ ପଲ୍ଲିଛକ ଠାରୁ ମଙ୍ଗଳବାର ଅପରାହ୍ନରେ ଏକ ହେଟା ବାଘର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ପାଣିଛତ୍ର ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ହେଟା ବାଘର ମୃତଦେହ ଉଦ୍ଧାର କରିଥିଲେ।

## ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍ଘାଟନ

**ନିମାପଡ଼ା, ୨୭।୨ (ସମିସ):** ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ମଙ୍ଗଳବାର ନିମାପଡ଼ା ଏନ୍ଏସି ଓ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ ହୋଇଯାଇଛି।ଏନ୍ଏସି ଓ ବ୍ଲକର ଭିଲିଗ୍ରାମ, ମିଟେଇପୁର, ଛଣିଜଙ୍ଗ, ଅନ୍ଥୁଆର, ବଡଶିରିବିଳା, କୋଟକୁସାଙ୍ଗ, ଗଡ଼ପଦନପୁର, ଉଚ୍ଛୁପୁର, ନୂଆସନ୍ଥ, ବାମନାଳ, ସଲଙ୍ଗ ଆଦି ପଞ୍ଚାୟତରେ ବିଭିନ୍ନ ରାସ୍ତାର ଶିଳାନ୍ୟାସ ଓ ପାନୀୟଜଳ ପ୍ରକଳ୍ପର ଉଦ୍ଘାଟନ ହୋଇଯାଇଛି। ବିଧାୟକ ଶ୍ରୀ ଦାଶଙ୍କ ସହ ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ବ୍ଲ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ଯୁବ ସଭାପତି ସତ୍ୟଜିତ ଆଚାର୍ଯ୍ୟ, ରାକେଶ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ପଞ୍ଚାୟତ ଓ ଏନ୍ଏସିର ଜନପ୍ରତିନିଧିମାନେ ଯୋଗଦେଇଥିଲେ।




### ବିଧାୟକଙ୍କ ଦ୍ୱାରା ୫ଟି ପ୍ରକଳ୍ପର ଶିଳାନ୍ୟାସ
## ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍ଘାଟିତ



**ବଳଙ୍ଗା, ୨୭ ।୨(ସମିସ)**

ବଳଙ୍ଗା ଥାନା ଅନ୍ତର୍ଗତ ନିମାପଡ଼ା ନିର୍ବାଚନ ମଣ୍ଡଳୀର ନୂଆଗାଁ ଡିଷ୍ଟ୍ରିବ୍ୟୁଟାରି ମୁଖ୍ୟ କେନାଲ ଓ ରାସ୍ତାର ପ୍ରାୟ ୧୫ କୋଟି ଟଙ୍କାର କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ଉଚ୍ଛୁପୁର ପଞ୍ଚାୟତରେ ପାର୍ବତୀ ପୁର ଠାରେ ଦେଢ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପର ଉଦ୍ଘାଟନ, ପାର୍ବତୀପୁର ଠାରୁ ନରୁଡା ଗ୍ରାମ ଉନ୍ନୟନ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ପ୍ରାୟ ୪ କୋଟି ୩୦ ଲକ୍ଷ ଟଙ୍କା କାର୍ଯ୍ୟର ଶୁଭାରମ୍ଭ, ଗବକୁଣ୍ଡ ଠାରୁ ବଳଙ୍ଗା ରାସ୍ତା ୫ କିଲୋମିଟର ରାସ୍ତାର ପ୍ରସସ୍ତିକରଣ ପାଇଁ ୪ କୋଟି ୪୯ ଲକ୍ଷ ଟଙ୍କା ଭିତ୍ତିପ୍ରସ୍ତର ସ୍ଥାପନ, ନୂଆଗାଁ କେନାଲ ରାସ୍ତାର ଉନ୍ନତି କରଣ ପାଇଁ ୭ କୋଟି ୫୧ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ, ନୂଆସନ୍ଥ ପଞ୍ଚାୟତର ବ୍ରାହ୍ମଣ ଚାନ୍ଦପୁର ପାଟଣା ପାନୀୟଜଳ ପ୍ରକଳ୍ପ ଉଦ୍ଘାଟନ କରିଛନ୍ତି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଉଚ୍ଛୁପୁର ପଞ୍ଚାୟତ ସରପଞ୍ଚ ସୁରେଶ ମଙ୍ଗରାଜ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଉଚ୍ଛୁପୁର ବିଜେଡି ସଭାପତି ଅଶୋକ ଦାଶ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବିଜୟ କୁମାର ଆଚାର୍ଯ୍ୟ, ବିରଞ୍ଚି ନାରାୟଣ ମହାନ୍ତି, ରତ୍ନରାଜ ମହାନ୍ତି ବହୁ ଜନସାଧାରଣ ଯୋଗଦାନ କରିଥିଲେ।



**ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ**

# ମା' ଫେରି ପାଇଲେ ସୁଧ ଟଙ୍କା

ନୟାଗଡ଼, ୨୭।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠି ମା'ଙ୍କ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥା, ମିଶନ ଶକ୍ତି ମା'ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ କନ୍ଭେନ୍ସନ୍ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ବୋଧନ କରିଛନ୍ତି। ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମଠାରେ ନୟାଗଡ଼ ବ୍ଲକର ମିଶନ ଶକ୍ତିର ମା'ଙ୍କୁ ସୁଧ ଟଙ୍କା ଫେରସ୍ତ କରାଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ପୌରାଧକ୍ଷା ନିରୂପମା ଖଟେଇ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଡିପିସି ସମିଧା ପାଢ଼ୀ, ଓଏଲଏମ ସଞ୍ଜୟ କୁମାର ମହାପାତ୍ର, ସିଡିପିଓ ସୌଦାମିନୀ ପଣ୍ଡା ଓ ବିପିସି ଭାରତୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମିଶନ ଶକ୍ତିର ମା'ଙ୍କୁ ସୁଧ ଟଙ୍କା ନିମନ୍ତେ ଚେକ୍ ପ୍ରଦାନ କରିଥିଲେ। ଜିଲ୍ଲାର ୯୪୪୧ଟି ସ୍ୱୟଂ ସହାୟକଙ୍କୁ ସୁଧ ଟଙ୍କା ଫେରସ୍ତ କରାଯାଇଛି। ସେଥି ମଧ୍ୟରୁ ନୟାଗଡ଼ ବ୍ଲକର ୧୧୯୨ଟି ସ୍ୱୟଂ ସହାୟକ ଗୋଷ୍ଠିକୁ ୯୬ ଲକ୍ଷ ୭୬ ହଜାର ୩୦୭ ଟଙ୍କା ଫେରସ୍ତ କରାଯାଇଛି। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ମା'ମାନେ ଅଧିକ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ପ୍ରୟାସକୁ ମହିଳାମାନେ ପ୍ରଶଂସା କରିଥିଲେ।



**ଗଣିଆ:** ଓଡ଼ିଶା ସରକାରଙ୍କ ମହିଳା ସଶକ୍ତିକରଣ ବିଭାଗ ତଥା ଜୀବିକା ମିଶନ ତରଫରୁ ସୋମବାର ଗଣିଆ କଲ୍ୟାଣମଣ୍ଡପ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱୟଂ ସହାୟକ ଗୁଡିକ ବ୍ୟାଙ୍କରୁ ଋଣ ନେଇ ନିୟମିତ ଭାବରେ ପରିଶୋଧ କରିଥିବା ବ୍ଲକର ୪୩୧ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୦ ଟଙ୍କାର ସୁଧ ଫେରସ୍ତ କରାଯାଇଥିବା ଜମାପଡ଼ିଛି। ଏଥିମଧ୍ୟରୁ ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଡମି ଚେକ୍ ଦ୍ୱାରା ସୁଧ ଫେରସ୍ତ କରାଯାଇଥିଲା। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ୧୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଆଭାସୀ ମାଧ୍ୟମରେ ଜଣାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ବିଡିଓ ଡମ୍ବରୁଧର ମଲ୍ଲିକ, ସିଡିପିଓ ଉଷାରାଣୀ ସାହୁ, ମିଶନ ଶକ୍ତି ବିପିସି ପ୍ରମୋଦ କୁମାର ବେହେରା, ଓଡ଼ିଶା ଜୀବିକା ମିଶନ ବିପିଏମ୍ କାଦମ୍ବିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ।



**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ପରିସରରେ ମିଶନଶକ୍ତି ମହିଳାଙ୍କ ନିମନ୍ତେ ଋଣ ପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମିଶନଶକ୍ତି ଅଧକ୍ଷା ସୁଜାତା କାର୍ତ୍ତିକ ପାଣ୍ଡିଆନ ମହିଳାଙ୍କ ନିମନ୍ତେ ବିଭିନ୍ନ ଯୋଜନା ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବିଡିଓ ଅଙ୍କୁର ଅଭିଲାଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ବ୍ଲକ ଅଧକ୍ଷା ଉପମା ବେହେରା ଯୋଗ ଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମିଶନ ଶକ୍ତିର ସାମାଜିକ ଚଳଣିରେ ଉପକାରିତାକୁ ବୁଝାଇଥିଲେ। ସମ୍ମାନିତ ଅତିଥୀ ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ ପ୍ରମୁଖ ମଞ୍ଚାସିନ ରହି ମିଶନ ଶକ୍ତି ଜରିଆରେ ମହିଳାମାନେ କିଭଳି ଲକ୍ଷ ଲକ୍ଷ ଟଙ୍କାର ବିନା ସୁଧରେ ଋଣ ସହାୟତା ପାଇ ନିଜର ଆର୍ଥିକ ସ୍ଥିତିକୁ ସୁଧାରିଛନ୍ତି ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବ୍ଲକ ଅଧୀନ ସମସ୍ତ ପଞ୍ଚାୟତ ଏବଂ ଖଣ୍ଡପଡ଼ା ଏନ୍ଏସିରୁ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତରୁ ୪୪ ଟି ଏସଏଚଜି ଏବଂ ଏନ୍ଏସି ୨ଟି ଗୋଷ୍ଠୀ ମହିଳାଙ୍କୁ ଋଣ ବାବଦ ଅର୍ଥରାଶିର ଚେକ୍ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଏମ୍‌ବିକେଙ୍କ ଦ୍ୱାରା ଗୀତ, ନୃତ୍ୟ ଏବଂ ଏକକ ଅଭିନୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମିଶନଶକ୍ତି ଅଧିକାରୀ ସୌମ୍ୟ ଶାଶ୍ୱତ ମିଶ୍ର ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।



**ଭାପୁର :** ରାଜ୍ୟର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି କାର୍ଯ୍ୟକ୍ଷମ କରିଛନ୍ତି। ବ୍ଲକରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ବ୍ୟାଙ୍କରୁ ଋଣ ନେଇ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗେଇବା ସହିତ ନିଜେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଯେଉଁ ଗୋଷ୍ଠୀ ଋଣ ନେଇ ଠିକ୍ ରୂପେ ବ୍ୟାଙ୍କକୁ ଋଣ ପରିଶୋଧ କରିଛନ୍ତି ସେହି ଗୋଷ୍ଠୀକୁ ରାଜ୍ୟ ସରକାର ସୁଧ ଫେରସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଭାପୁର ବ୍ଲକ ୭୯୬ ଟି ଗୋଷ୍ଠୀ ପାଇଁ ୬୬ ଲକ୍ଷ ୫୦ ହଜାର ଟଙ୍କା ସୁଧ ଟଙ୍କା ମଙ୍ଗଳବାର ଦିନ ଫେରସ୍ତ କରାଯାଇଛି। ନୋଡାଲ ସ୍କୁଲ ଖେଳପଡ଼ିଆରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ବିଡିଓ ରଣଜିତ୍ କୁମାର ମଲ୍ଲିକ, ସିଡିପିଓ ତୃପ୍ତି ମହାପାତ୍ର, ଗୋଷ୍ଠୀ ସଂଯୋଜକ ସସ୍ମିତା ମଲ୍ଲିକ, ବିପିଏମ୍ ରେଣୁବାଳା ସାହୁ, ବ୍ଲକ ମହସଂଘ ସଭାନେତ୍ରୀ ନିରୁପମା ପ୍ରଧାନ, ସମ୍ପାଦିକା ନିରଞ୍ଜନି ବିହାରୀ, ସମାଜସେବୀ ସବିତା ଶୁକ୍ଳା, ଏବଂ ବ୍ୟାଙ୍କ ପରିଚାଳକ, ବ୍ୟାଙ୍କ ମିତ୍ର, ସିଆରପି, ଏମବିକେ ପ୍ରମୁଖ ଯୋଗଦାନ କରିଥିଲେ।

**ଓଡଗାଁ :** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କଲ୍ୟାଣୀ ମଣ୍ଡପ ଠାରେ ପ୍ରାୟ ୭ ଶହରୁ ଉଶହର ମିଶନ ଶକ୍ତି ମା' ମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ନିୟମ ଅନୁସାରେ ଋଣ ପରିଶୋଧ କରିଥିବା ୨୦୧୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ୨୦ ଲକ୍ଷ ୫୩ ହଜାର ୭ ଶହ ଟଙ୍କାର ସୁଧ ଫେରସ୍ତ କରାଯାଇଥିବା ବେଳେ ସମସ୍ତ ସୁଧ ଟଙ୍କା ପ୍ରତ୍ୟେକ ଗୋଷ୍ଠୀର ଜମା ଖାତାକୁ ପହଞ୍ଚିବ। ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୨୦ ହଜାର ମିଶନ ଶକ୍ତି ମା'ମାନେ ଏହାର ସୁଫଳ ପାଇ ପାରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ବ୍ଲକ ଅଧକ୍ଷ ଲୋକନାଥ ସାହୁ, ଉପାଧକ୍ଷା ମୀରା ନାୟକ, ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ସୁଧ ଫେରସ୍ତ କାର୍ଯ୍ୟକୁ ଗ୍ରାମାଞ୍ଚଳ ମିଶନ ଶକ୍ତି ମା'ମାନେ ଆର୍ଥିକ କ୍ଷେତ୍ରରେ ଆତ ନିର୍ଭରଶୀଳ ହେବାକୁ ଯଥେଷ୍ଟ ସହଯୋଗ କରିବ। ବ୍ଲକ ଜୀବିକା ମିଶନ ପରିଚାଳିକା ଆରତୀ

## ବ୍ରାଉନସୁଗର ଜବତ, ଅଭିଯୁକ୍ତ ଗିରଫ

ଭାପୁର, ୨୭।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଦେଇ ନିୟମିତ ଭାବରେ ଚୋରା ଗଞ୍ଜେଇ ଏବଂ ବ୍ରାଉନସୁଗର ଚାଲାଣ ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗକୁ ଭିତ୍ତି କରି ଫତେଗଡ଼ ପୁଲିସ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଗିରଫ କରିବା ସହିତ ତା ନିକଟରୁ ୨୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହା ସହ ଏକ ସ୍କୁଟି ଏବଂ ୧୭୦୦ ଟଙ୍କା ଜବତ କରିଥିବା ନେଇ ଖଣ୍ଡପଡ଼ା ଉପଖଣ୍ଡ ଅଧିକାରୀ ବିମଳ କୁମାର ବାରିକ ଏବଂ ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ ଫତେଗଡ଼ ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ନୟାଗଡ଼ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ, ଫତେଗଡ଼ ଥାନାଧିକାରୀ ସୁଜିତ୍ କୁମାର ଦାସ, ଏସ୍ଆଇ ସଞ୍ଜୟ କୁମାର ପରିଡ଼ା, ଏଏସ୍ଆଇ ପ୍ରତାପ କୁମାର ପାହଡସିଂ, ଏବଂ ଫୋର୍ସଙ୍କ ସହାୟତାରେ ବିଜିପୁର ଗ୍ରାମ ନିକଟରେ ବ୍ରାଉନସୁଗର ଚୋରା ଚାଲାଣ କାରି କଟକ ଜିଲ୍ଲା ବୈଦେଶ୍ୱର୍ ଥାନା ଯୋକିଲାଦଳ ଗ୍ରାମ ଦିଲ୍ଲୀପ କୁମାର ପ୍ରଧାନଙ୍କୁ ଧରି ଥାନାକୁ ଆଣିଥିଲେ। ଥାନାରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ଦିନ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୁଜିତ୍ କୁମାର ଦାସ ପ୍ରକାଶ କରିଛନ୍ତି।

## ବୃଦ୍ଧାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ

ଖଣ୍ଡପଡ଼ା, ୨୭।୨(ସମିସ): ଖଣ୍ଡପଡ଼ା ବ୍ଲକ କିଆଝରେ ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମର ଜଣେ ବୃଦ୍ଧଙ୍କ ଠାରୁ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ମଙ୍ଗରାଜପୁର ଗ୍ରାମର ଅର୍ଜ୍ଜୁନ ସାହୁ କରିଥିବା ଅଭିଯୋଗ ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ଖଳିସାହିସ୍ଥିତ ନେଳିଆ ଛକରେ ଥିବା ଆଇଓବି ବ୍ୟାଙ୍କରୁ ଜରୁରୀ କାମ ନିମନ୍ତେ ୨ ଲକ୍ଷ ଟଙ୍କା ଉଠାଇଥିଲେ। ଏଥିସହିତ ପୂର୍ବରୁ ନିଜ ପାଖରେ ଥିବା ୩୦ ହଜାର ଟଙ୍କା ସହ ଉଠାଇଥିବା ଟଙ୍କାକୁ ଏକ ବ୍ୟାଗ ମଧ୍ୟରେ ରଖି କୋସକା ଆଡକୁ ସଂଯୋଗ କରୁଥିବା ଏକ ହୋଟେଲରେ ଖାଇ ବସିଥିଲେ। ଖାଇସାରି ହାତ ଧୋଇବା ଅବସ୍ଥାରେ ଜଣେ ଅଜଣା ବ୍ୟକ୍ତି ବ୍ୟାଗଟିକୁ ଧରି ଚମ୍ପଟ ମାରିଥିଲା। ଉକ୍ତ ବ୍ୟକ୍ତି ସମ୍ପର୍କରେ ହୋଟେଲ ମାଲିକ ଜାଣିନଥିବା ବେଳେ ଅର୍ଜ୍ଜୁନ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ନିରାଶ ହୋଇଥିଲେ। ଫଳରେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ନେଇ ସୂଚନା ମିଳିଛି।

## ବଦଳିଲେ ବିଡିଓ, ତହସିଲଦାର ଓ ଡେପୁଟି କଲେକ୍ଟର

ନୟାଗଡ଼, ୨୭।୨(ସମିସ): ରାଜ୍ୟ ସରକାର ମଙ୍ଗଳବାର ଓଏଏସ୍ ସ୍ତରରେ ଏକ ବଡ ଧରଣର ଅଦଳବଦଳ କରିଛନ୍ତି। ବିଡିଓ, ତହସିଲଦାର ଓ ଡେପୁଟି କଲେକ୍ଟର ୭୦ ଜଣଙ୍କର ଅଦଳବଦଳ ହୋଇଛି। ନୟାଗଡ଼ ଜିଲ୍ଲାର ଗଣିଆ ବ୍ଲକ ବିଡିଓ ଡମ୍ବରୁଧର ମଲ୍ଲିକଙ୍କର କାଶୀନଗର ବିଡିଓ ଭାବେ ବଦଳି ହୋଇଛି। ସେହିପରି ଭାବେ ଡ. ବେବିତା ମଞ୍ଜରୀ ନାୟକଙ୍କର ଗଣିଆ ବିଡିଓ ଭାବେ ବଦଳି ହୋଇଛି। ଭାପୁର ତହସିଲଦାର ଲଗ୍ନଜିତ ବେହେରାଙ୍କର ବୌଦ୍ଧ ତହସିଲଦାର ଭାବେ ବଦଳି ହୋଇଛି। କେ. ନୂଆଗାଁ ତହସିଲଦାର ଅର୍ଜ୍ଜୁନ ପ୍ରଧାନଙ୍କର ଭାପୁର ବ୍ଲକ ତହସିଲଦାର ଭାବେ ବଦଳି ହୋଇଛି। ନୂଆଗାଁ ତହସିଲଦାର ଏସ.କେ. ସଗିର୍‌ଡ୍ରନ୍ଥ ସୋର ତହସିଲଦାର ଭାବେ ବଦଳି ହୋଇଥିବା ବେଳେ ବରସାହି ତହସିଲଦାର ଗଦାଧର ଧଳଙ୍କର ନୂଆଗାଁ ତହସିଲଦାର ଭାବେ ବଦଳି ହୋଇଛି। ନୟାଗଡ଼ ଡେପୁଟି କଲେକ୍ଟର ରିମା ହାଂସଦାଙ୍କର ଢେଙ୍କାନାଳ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଥିବା ବେଳେ ଢେଙ୍କାନାଳ ଡେପୁଟି କଲେକ୍ଟରଙ୍କ ମନିଷା ଗୁପ୍ତାଙ୍କର ନୟାଗଡ଼ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି।

**ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର**

## ଦ୍ରବ୍ୟ ଓ ଶ୍ରମ ଅର୍ଥ ମଞ୍ଜୁର ହେଉ ନ ଥିବା ଅଭିଯୋଗ

ଓଡଗାଁ, ୨୭।୨(ସମିସ): ଓଡ଼ଗାଁ ବ୍ଲକ ସ୍ତରୀୟ ମନରେଗା ଜନଶୁଣାଣି ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଫଳକ ନଥାଇ କାନ୍ଥରେ ସୂଚନା ଦେବା ବାବଦରେ ୩୦ରୁ ୪୦ ହଜାର ଟଙ୍କା ହୋଇଥିବା ଅନିୟମିତତା ପ୍ରସଙ୍ଗ ଉପସ୍ଥାପନ ହେବା ପରେ ୩ ଦିନ ଭିତରେ ଫଳକ ନିର୍ମାଣ କରି ସୂଚନା ପ୍ରଦାନ ନକଲେ ଅନିୟମିତତା ଦର୍ଶାଇ ଅର୍ଥ ଆଦାୟ କରାଯିବ ବୋଲି ବିଡ଼ିଓ ସମ୍ପୃକ୍ତ ଜିଆରଏସଙ୍କୁ ତାଗିଦ୍ କରିଥିଲେ। ବ୍ଲକରେ ୨ରୁ ୩ ମାସ ମଧ୍ୟରେ ହାରାହାରି ୩୦ ରୁ ୩୫ ଜଣ ମୃତକଙ୍କ ନାମରେ ରାସନ ସାମଗ୍ରୀ ଯୋଗାଣ ହୋଇଥିବା ସମ୍ପର୍କରେ ସମୀକ୍ଷକ ସୂଚନା ଦେଇଥିଲେ। ଖୁବଶୀଘ୍ର ମୃତକଙ୍କୁ ଚିହ୍ନଟ କରି ରାସନକାଡରୁ ବାଦ ଦେବା ପାଇଁ ବିଡ଼ିଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲାଇନ୍ ବିଭାଗ ଗୁଡିକ ମଧ୍ୟରେ ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ, ବନବିଭାଗ ଦ୍ୱାରା ରହିଥିବା ଅନିୟମିତତାକୁ ଖୁବଶୀଘ୍ର ସମାଧାନ କରିବା ପାଇଁ ଆଲୋଚନା ହୋଇଥିଲା। ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ୯ ଲକ୍ଷ ୯୩ ହଜାର ୫୭୩ ଟଙ୍କାର ଅନୁଦାନ ଦିଆଯାଇଥିବା ଦର୍ଶାଯାଇଛି। ଗୋଟିଏ ୱାର୍କ କୋଡ଼ ନମ୍ବରରେ ସୂଚନା ଫଳକ ସହିତ ସରକାରୀ ରେକର୍ଡ ମଧ୍ୟରେ ପାର୍ଥକ୍ୟ ରହିଥିବାରୁ ଏବଂ ସୁନାମୁହିଁ ପଞ୍ଚାୟତରେ ଗୋପିନାଥପୁର ନାମରେ କୌଣସି ଗ୍ରାମ ନଥିବା ନେଇ ସାମ୍ବାଦିକମାନେ ବିଡ଼ିଓଙ୍କଠାରୁ ସତ୍ୟାସତ୍ୟ ଜାଣିବା ପାଇଁ ପଚାରିଥିଲେ। ଅଭିଯୋଗ ସମ୍ପର୍କରେ ମୁଁ ତଥ୍ୟ ଭିତିକ ତଦନ୍ତ ପାଇବା ପରେ ଆପଣଙ୍କୁ ଜଣାଇବି ବୋଲି କହିଥିଲେ। ଏଥିସହିତ କାର୍ଯ୍ୟ କରିଥିବା ପଞ୍ଚାୟତମାନେ ପ୍ରାୟ ୧ ବର୍ଷ ଧରି ଅର୍ଥ ପାଇନଥିବାରୁ ଉଦବେଗ ପ୍ରକାଶ କରିଥିବା ବେଳେ ପ୍ରଶାସକ ନିରବି ଯାଇଥିଲେ। ୧ ଶହ ୧ ଜଣ ୧ ଶହ ଦିନର କାର୍ଯ୍ୟ ଶେଷ କରିଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଭାଇସ ଚେୟାର ମ୍ୟାନ ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜା ଲକ୍ଷ୍ମୀ ସାହୁ, ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଲୋକପାଳ ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆର ସିଂହ, ଏବଂ ବ୍ଲକ ସାମାଜିକ ସମିକ୍ଷକ ରାଜେଶ କୁମାର ଜେନା, ଅତିରିକ୍ତ ପୋଗ୍ରାମ ଅଧିକାରୀ ବିଭୁପ୍ରସାଦ ସାଥୁଆ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ ମାନେ ଅଂଶଗ୍ରହଣ କରିଥିଲେ।

**କଣ୍ଟିଲୋ ମାଘମେଳା ମହୋତ୍ସବ ଉଦ୍‌ଯାପିତ**

## ଆମ ସଂସ୍କୃତି ଆମ ଐତିହ ସାରା ବିଶ୍ୱରେ ବନ୍ଦନୀୟ

ଖଣ୍ଡପଡ଼ା/କଣ୍ଟିଲୋ, ୨୭।୨(ସମିସ): ନୟାଗଡ଼ ଜିଲ୍ଲା ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଲଟନ ପଡ଼ିଆରେ କଣ୍ଟିଲୋ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରସିଦ୍ଧ ଦ୍ୱିତୀୟ ବାର୍ଷିକ ମାଘମେଳା ମହୋତ୍ସବ- ୨୦୨୪ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଅପରାହ୍ନରେ ପ୍ରଥମେ କଣ୍ଟିଲୋ ପଞ୍ଚାୟତର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଯୁବ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ, ଆଧୁନିକ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ସେହିପରି ସ୍ଥାନୀୟ କଳାକାରଙ୍କ ଦ୍ୱାରା କମେଡି ସୋ ଫେଟେଡ଼ ମେଡ଼ିସିନ ଦର୍ଶକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି କରିଥିଲା। ସନ୍ଧ୍ୟା ୭ ଟାରେ ମହୋତ୍ସବ କମିଟି ସଭାପତି ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥୀ ଭାବେ ପୂର୍ବତନ ସାଂସଦ ଡ଼ଃ ପ୍ରଶନ୍ନ କୁମାର ପାଟଶାଣୀ ଯୋଗଦେଇ ମହୋତ୍ସବର ଅନ୍ତିମ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଆମ ସଂସ୍କୃତି ଆମ ଐତିହ ସାରା ବିଶ୍ୱରେ ବନ୍ଦନୀୟ ବୋଲି ଡ଼ଃ ପାଟଶାଣୀ କହିଥିଲେ। ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ ଯୋଗଦେଇ କେବଳ ମହୋତ୍ସବ ନୁହେଁ କଣ୍ଟିଲୋ ଅଞ୍ଚଳର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଯେଉଁ କଥା ଦେଇଥିଲେ ଆଜି ତାହା ସାକାର ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥୀ ଭାବେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଅନ୍ୟତମ ସମ୍ମାନିତ ଅତିଥ ରୂପେ ସମାଜସେବୀ ଟିଟନ ସାହୁ, ମହୋତ୍ସବ କମିଟି ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ଯୋଗଦେଇ ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହୋତ୍ସବ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ନୀଳମାଧବ ମିଶ୍ର ଧନ୍ୟବାଦ ଦେଇ ସଭାକାର୍ଯ୍ୟକୁ ସମାପନ କରିଥିଲେ।



## ଜିଲ୍ଲା ପ୍ରାନ୍ତପାଳଙ୍କ ରୋଟାରୀ କ୍ଲବ ପରିଦର୍ଶନ

ନୟାଗଡ଼, ୨୭।୨(ସମିସ): ନୟାଗଡ଼ ରୋଟାରୀ କ୍ଲବକୁ ଜିଲ୍ଲା ପ୍ରାନ୍ତପାଳ ଜୟଶ୍ରୀ ମହାନ୍ତି ଓ ନୟାଗଡ଼ ଜିଲ୍ଲା କାର୍ଯ୍ୟନିର୍ବାହୀ ସଚିବ ଆଶିଷ ସାହୁ ପରିଦର୍ଶନ କରିଛନ୍ତି। ଏଥି ନିମନ୍ତେ ରୋଟାରୀ ଭବନରେ ଏକ ସଭାର ଆୟୋଜନ କରାଯାଇଥିଲା। ନୟାଗଡ଼ ରୋଟାରୀ କ୍ଲବର ସଭାପତି ଅବଦୁଲ ଆରିଫ୍ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ରୋଟାରୀ ପ୍ରାନ୍ତପାଳ ଜୟଶ୍ରୀ ମହାନ୍ତି, ଜିଲ୍ଲା କାର୍ଯ୍ୟ ନିର୍ବାହୀ ସଚିବ ଆଶିଷ ସାହୁ, ରୋଟାରୀ ସଭାପତି ଆରିଫ ଖାଁ ଓ ସମ୍ପାଦକ ଶ୍ରୀଧର ସାହୁ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ ସମ୍ପାଦକ ଶ୍ରୀଧର ସାହୁ ରୋଟାରୀ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିବରଣୀ ରଖିଥିଲେ। ବୃକ୍ଷରୋପଣ, ଅନ୍ନପୂର୍ଣ୍ଣା ଦିବସ, ଜିଲ୍ଲା ପରିବେଶ ସେମିନାର, ଫାଇଲେରିଆ ଔଷଧ ସାମୁହିକ ଏକ କାଳିନ ସେବନ ସଚେତନତା, ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ଫିଜିଓଥୋରାପି, ଆମ୍ବୁଲାନ୍ସ ସେବା, ସାମ୍ବାଦିକତା ଦିବସ ଓ ରାଷ୍ଟ୍ର ନିର୍ମାତା ସମ୍ମାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମୁଖ୍ୟ ଅତିଥି ରୋଟାରୀ କ୍ଲବର ସଭ୍ୟମାନେ ସମାଜ ସେବାରେ ବ୍ରତି ହୋଇଥିବାରୁ ମୁଁ ବହୁତ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ। ରୋଟାରୀ କ୍ଲବର ଫିଜିଓଥେରାପି ଓ ଆମ୍ବୁଲାନ୍ସ ସେବା ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥି ସହିତ ନୟାଗଡ଼ ରୋଟାରୀ କ୍ଲବରେ ଏକ ଡାଇଗ୍ନୋଷ୍ଟିକ୍ ସେଣ୍ଟର ନିର୍ମାଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଧିକାରିଣୀ ସଙ୍ଗିତା ସାମନ୍ତରାୟ, ଗୃହରକ୍ଷୀ ବାଲ୍ମିକି ସାହୁ, ରିଜର୍ଭ ପୁଲିସର ଜଗବନ୍ଧୁ ପ୍ରଧାନ, ଟ୍ରାଫିକ୍ ପୁଲିସର ଅଶୋକ କୁମାର ଦୋରା, ନୟାଗଡ଼ ପୌରପରିଷଦର ସୁଇପର ରାଜକିଶୋର ଦଳେଇ ଓ ଅଗ୍ନିଶମ ବାହିନୀର ବରୁଣ କୁମାର ନାୟକଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସନ୍ତୋଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୭।୨(ସମିସ): ଖଣ୍ଡପଡ଼ା ବ୍ଲକ ଜଗନ୍ନାଥ ପ୍ରସାଦ ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମହିଳା ସଭାନେତ୍ରୀ ଚନ୍ଦ୍ରମା ପ୍ରଧାନ, ସମିତି ସଭ୍ୟ ଚନ୍ଦ୍ରମଣି ସ୍ୱାଇଁ, ବରିଷ୍ଠ ବିଜେଡ଼ି ନେତା ଜନ୍ମେଜୟ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ସେଠି, ଯୁବ ସଂଗଠକ ସରୋଜ ପଣ୍ଡାଙ୍କ ସମେତ ବିଜେଡିର ଛାମୁଆ କର୍ମୀ ଓ ମହିଳା ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏତତ୍ ବ୍ୟତୀତ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣିଥରେ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ।

## କ୍ରିକେଟ ଏକାଡେମୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ନୟାଗଡ଼, ୨୭।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ା ଭିତିଭୂମିର ସମୂହ ଉଦ୍‌ଘାଟନ କରିଛନ୍ତି। ଆଭାସି ମାଧ୍ୟମରେ ବ୍ରହ୍ମପୁରରେ ସ୍ପୋର୍ଟସ କମ୍ପ୍ଲେକ୍ସ, ଗଞ୍ଜାମ ଭାରୋତ୍ତଳନ ଏକାଡେମୀ, ଯାଜପୁରରେ କୁସୁମା ସ୍ପୋର୍ଟସ କମ୍ପ୍ଲେକ୍ସ ଓ ହକି ପ୍ରଶିକ୍ଷଣ କେନ୍ଦ୍ର ସ୍ପୋର୍ଟସ କମ୍ପ୍ଲେକ୍ସ, ଝାରସୁଗୁଡାରେ କ୍ରିକେଟ ପଡ଼ିଆ, ପୁରୀରେ ଶ୍ରୀ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ଓ ପୁରୀରେ ମହିଳା କ୍ରିକେଟ ଏକାଡେମୀକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥି ସହିତ ରାଜ୍ୟର ୪୧ଟି କ୍ରିକେଟ ଏକାଡେମୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେହିପରି ଭାବେ ଆଜି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ନୟାଗଡ଼ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଛି। ଖେଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌରାଧକ୍ଷା ନିରୂପମା ଖଟେଇ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ନୟାଗଡ଼ କ୍ରିକେଟ ଆସୋସିଏସନର ସଭାପତି ଅରବିନ୍ଦ ଛୋଟରାୟ, ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସାମ୍ବାଦିକ ରାମକୃଷ୍ଣ ରଥ, ସୂର୍ଯ୍ୟମଣି ପ୍ରଧାନ ଓ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କଲେଜ ପଡ଼ିଆରେ ବହୁ ସଂଖ୍ୟକ ଖେଳପ୍ରେମୀ ଯୋଗ ଦେଇଥିଲେ।

**କ୍ରୀଡ଼ା ଭିତ୍ତିଭୂମିକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ**

## ନିର୍ମାଣ ଚାଲିଛି ସୁଇମିଂ ପୁଲ୍

ନୟାଗଡ଼, ୨୭।୨(ସମିସ): ନୟାଗଡ଼ରେ କ୍ରୀଡ଼ା ଭିତିଭୂମୀ ସୁଦୃଢ଼ କରିବା ପାଇଁ ନୟାଗଡ଼ ବିଧାୟକଙ୍କ ଦୂରଦୃଷ୍ଟି ସମ୍ପର୍ଣ୍ଣ ଚିନ୍ତାଧାରା ବାରି ହେଉଛି। ନୟାଗଡ଼ ଖେଳପଡ଼ିଆର ଉନ୍ନତୀକରଣ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆର ଉନ୍ନତୀକରଣ, ମଣ୍ଡାବାଗନ ପଡ଼ିଆର ଉନ୍ନତୀକରଣ କରାଯାଇଥିବା ବେଳେ ନୟାଗଡ଼ ଷ୍ଟାଡିୟମକୁ ନୂଆରୂପ ଦେବା ଦିଆଯାଉଛି। କ୍ରୀଡ଼ାପ୍ରେମୀଙ୍କ ପାଇଁ ନୟାଗଡ଼ରେ ପର୍ଯ୍ୟାପ୍ତ ସୁଏଯୋଗ ସୃଷ୍ଟି ହୋଇଛି। ରାଜ୍ୟ ସରକାର କ୍ରୀଡ଼ାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ରାଜ୍ୟରେ କ୍ରୀଡ଼ା ଭିତିଭୂମୀ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନନ୍ୟ ପରିକଳ୍ପନାକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟରେ କ୍ରୀଡ଼ାପ୍ରେମୀଙ୍କ ସନ୍ତରଣ ସୁବିଧା ପାଇଁ ରାଜ୍ୟ ସରକାର ରାଜ୍ୟର ଭୁବନେଶ୍ୱର, ବାଲେଶ୍ୱର, ଭବାନୀ ପାଟଣା, ନୟାଗଡ଼ ପ୍ରଭୃତି ସ୍ଥାନରେ ୬ଟି ସୁଇମିଂ ପୁଲ୍ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ୫୦ କୋଟି ଟଙ୍କା ବିନିମୟରେ ୬ଟି ସୁଇମିଂ ପୁଲ ନିର୍ମାଣ ପାଇଁ ଓଡ଼ିଶା ବ୍ରିଜ କର୍ପୋରେସନ୍ ଦାୟିତ୍ୱ ଦିଆଯାଇଛି। ନୟାଗଡ଼ରେ ସୁଇମିଂ ପୁଲ୍ ନିର୍ମାଣ କ୍ଷେତ୍ରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବଳିଷ୍ଠ ଉଦ୍ୟମ ଏବଂ ସହଭାଗିତା ରହିଛି। ବିଧାୟକ ନିଜେ ଏହାର ତଦାରଖ କରିବା ସହ କିଭଳି ଉନ୍ନତମାନର ହୋଇପାରିବ, ତାହାର ତଦାରଖ କରୁଛନ୍ତି। ନୟାଗଡ଼ ଷ୍ଟାଡିୟମ ନିକଟରେ ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ବିଜୁ ପଟ୍ଟନାୟକ ବହୁମୂଖୀ ଇନ୍‌ଡୋର ଷ୍ଟାଡିୟମ ନିକଟରେ ଏହାର ନିର୍ମାଣ ଚାଲିଛି। ୨୦ ମିଟର ଲମ୍ବ ୧୮ ମିଟର ଚଉଡା ବିଶଷ୍ଟ ଏହି ସୁଇମିଂ ପୁଲ ନିର୍ମାଣ କରାଯାଉଥିବା ସୂଚନା ମିଳିଛି। ଏହା ସହିତ ଏହା ପାଖରେ ଡ୍ରେସ ଚେଞ୍ଜିଂ ରୁମ୍, ଶୌଚାଳୟ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ସନ୍ତରଣରେ ଆଗ୍ରହ ରଖୁଥିବା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହା ସୁଯୋଗ ଆଣିଦେବ ବୋଲି ଆଶା କରାଯାଉଛି। ଏହି ସୁଇମିଂ ପୁଲ୍ ପାଇଁ ଏକ ପାଣି ଟାଙ୍କି ମଧ୍ୟ ନିର୍ମାଣ କରାଯିବାର ବ୍ୟବସ୍ଥା ହୋଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା ବେଳେ ଏହା ନୟାଗଡ଼ ପାଇଁ ଏକ ବଡ ପଦକ୍ଷେପ ବୋଲି କହିଛନ୍ତି।



ସକାଳ
THE SAKALA








ଖୋର୍ଦ୍ଧାଜିଲ୍ଲା ବେଗୁନିଆଠାରେ 'ନୂଆ ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମରେ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

**ଖୋର୍ଦ୍ଧାରେ ମିଶନ ଶକ୍ତି ସୁଧ ଫେରସ୍ତ ଓ ୟୁନିଫର୍ମ ସହାୟତା ବଣ୍ଟନ**

# ମା'ମାନଙ୍କ ଆତ୍ମବିଶ୍ୱାସ ଦ୍ୱିଗୁଣିତ ହୋଇଛି

ଖୋର୍ଦ୍ଧା, ୨୭।୨(ସମିସ):



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ ମାଧ୍ୟମରେ ମିଶନ ଶକ୍ତି ମାଆମାନଙ୍କ ୟୁନିଫର୍ମ ସହାୟତା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଶସକ୍ତ ଓ ସୁଦୃଢ଼ ଓଡ଼ିଶା ଗଠନରେ ମାଆମାନଙ୍କ ଭୂମିକା ଉପରେ ନିଜର ବାର୍ତ୍ତା ରଖିଛନ୍ତି। ସେହିପରି ମା'ମାନେ ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟକୁ ଆତ୍ମନିର୍ଭରଶୀଳ କରିବାରେ ଯେଉଁଭଳି ଗୁରୁ ଦାୟିତ୍ୱ ନେଉଛନ୍ତି ତାହାକୁ ଆଉ ଦୁଇ ପାଦ ଆଗକୁ ନେବା ଓ ମାଆମାନଙ୍କ ସମ୍ମାନ ପାଇଁ ଏହି ୟୁନିଫର୍ମ ବିଶେଷ ସହାୟକ ହେବ ବୋଲି କହିଥିଲେ।ସେହିପରି ଶୂନ୍ୟ ପ୍ରତିଶତ ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ୧୪୫ କୋଟିର ସୁଧ ଫେରସ୍ତ, ୭୩୦ କୋଟିର ୟୁନିଫର୍ମ ଓ ବ୍ଲେଜର ସହାୟତା ବଣ୍ଟନର ଶୁଭାରମ୍ଭ କରିଥିଲେ। ଏହି ଅବସରେ ୫୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚେକ୍ ମାଧ୍ୟମରେ ସହାୟତା ରାଶି ଦିଆଯାଇଥିଲା। ବ୍ଲକ ସମ୍ମିଳନୀ କକ୍ଷ ଓ ଖୋର୍ଦ୍ଧା ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଏଲବିସି କନଭେନର ୟୁ ରାଜା ରାଓ, ଖୋର୍ଦ୍ଧା ବ୍ଲକ ସିଡିପିଓ ନନ୍ଦିତା ମହାନ୍ତି, ବିପିସି ସ୍ୱପ୍ନା ପାତ୍ର, ଖୋର୍ଦ୍ଧା ବ୍ଲକ ବିପିଏମ ସରୋଜିନି ମହାନ୍ତି ପ୍ରମୁଖ ଯୋଗ ଦେଇ ରାଶି ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି, ମହିଳା ମହାସଙ୍ଘ ସଭାପତି, ସମ୍ପାଦକ, ଇସି ସଭ୍ୟ, ବିଏଲଫ ସଭ୍ୟ, ଗୋଷ୍ଠୀର କର୍ମକର୍ତ୍ତା ଓ ସରପଞ୍ଚ, ବ୍ୟାଙ୍କ ପରିଚାଳକ, ଜିଲ୍ଲା ମିଶନ ଶକ୍ତି ଓ ଜୀବିକା ମିଶନର କର୍ମଚାରୀ, ଅଧିକାରୀଙ୍କ ସହିତ ଅନ୍ୟମାନେ ସହଯୋଗ ଦେଇଥିଲେ।

## ୭୯୪ ଗୋଷ୍ଠୀଙ୍କୁ ୭୫ ଲକ୍ଷର ସୁଧ ଛାଡ଼



ଜଟଣୀ, ୨୭।୨(ସମିସ): ଜଟଣୀରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଛାଡ଼ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ ସ୍ରଷ୍ଟା ଟାଉନହଲ ଠାରେ ସିଡିପିଓ ପୁଷ୍ପଲତା ନାୟକଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ସମାବେଶ ଆୟୋଜିତ ହୋଇଥିଲା। ରାଜ୍ୟ ସରକାର ମିଶନ ଶକ୍ତି ମହିଳାମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ଼ ଯୋଜନା କରିଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ଏହା ସହ ପଞ୍ଚାୟତ ଓ ବ୍ଲକ ସ୍ତରରେ କାର୍ଯ୍ୟ କରୁଥିବା ମହିଳା କାର୍ଯ୍ୟକର୍ତ୍ତାଙ୍କୁ ବ୍ଲେଜର ପରିଧାନ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ନେଇ ମଧ୍ୟ ସୂଚନା ଦିଆଯାଇଛି। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ୨୦୦୦ ଟଙ୍କା ଲେଖାଏଁ ବ୍ଲେଜର ତିଆରି ନିମନ୍ତେ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଘୋଷଣା କରିଛନ୍ତି। ତେବେ ଜଟଣୀ ବ୍ଲକ ଓ ପୌର ପରିଷଦର ସମସ୍ତ ଗୋଷ୍ଠୀ ଗୁଡ଼ିକ ମଧ୍ୟରୁ ୭୯୪ଟି ଗୋଷ୍ଠୀକୁ ପ୍ରାୟ ୭୫ ଲକ୍ଷ ଟଙ୍କା ସୁଧ ଛାଡ଼ ହେବ ବୋଲି ସୂଚନା ମିଳିଛି। ଜଟଣୀରେ ମୋଟ ୧୮୦୩ଟି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି ଏବଂ ପ୍ରାପ୍ତ ସୂଚନା ମୁତାବକ ଏପ୍ରିଲ୨୦୨୨ ଠାରୁ ଆଜି ପର୍ଯ୍ୟନ୍ତ ୧୩୧୨ଟି ଗୋଷ୍ଠୀକୁ ମୋଟ ଅଣଷଠି କୋଟି ବତିଶି ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବିପିସି ସନ୍ତୋଷ କୁମାର ଦାଶ ସଂଯୋଜନା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ପୌର ଅଧ୍ୟକ୍ଷ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତୀ ରାଉତ, ଜୀବିକା ମିଶନ ପରିଚାଳିକା ଦିପ୍ତିମୟୀ ପ୍ରହରାଜ, କାଦମ୍ବିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ହିତାଧିକାରୀଙ୍କ ସୁଧ ଛାଡ ମେଳା



ଟାଙ୍ଗୀ/କାଳୁପଡ଼ାଘାଟ, ୨୭।୨(ସମିସ): ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବି ତଥା ସଶକ୍ତିକରଣ କରିବା ଲକ୍ଷ୍ୟରେ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କରୁ ଋଣ ପ୍ରଦାନ କରିଛନ୍ତି। ସେହି ଋଣର ସୁଧ ଫେରସ୍ତ କରିବା ପାଇଁ ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଏକ ଋଣ ଫେରସ୍ତ ମେଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଟାଙ୍ଗୀ ବ୍ଲକର ଆଦ୍ୟାଶା ଆଦ୍ୟାରୂପା ମିଶନ ଶକ୍ତି ମହିଳା ମହାସଂଘ ତରଫରୁ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୬ଟି ଯାକ ପଞ୍ଚାୟତର ସ୍ୱୟଂ ସାହାୟକ ଗୋଷ୍ଠୀ, ମିଶନ ଶକ୍ତି, ବ୍ୟାଙ୍କ ମିତ୍ର ଓ ମହିଳା କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବିପିଏମ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ଓ ବିପିସି ଦର୍ଶପ୍ରଭା ସାଇଁ ପ୍ରମୁଖଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା।। ଏଥିରେ ଟାଙ୍ଗୀ ପଞ୍ଚାୟତସମିତି ଅଧ୍ୟକ୍ଷା ରୀସ୍ୱାମାନଧାତା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା, ମହିଳା ମହାସଂଘର ସଭାନେତ୍ରୀ ହରଷ ପ୍ରଧାନ, ସମ୍ପାଦିକା ବୈଜୟନ୍ତୀ ସୁନ୍ଦରାୟ, ବ୍ୟାଙ୍କ ଅଫ ଇଣ୍ଡିଆ ସିଙ୍ଗିପୁର ଶାଖାର ପରିଚାଳକ, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସାବଲମ୍ବୀ କରିବା ଦିଗରେ ରାଜ୍ୟ ସରକାରଙ୍କର ବିଭିନ୍ନ ପଦକ୍ଷେପକୁ ସ୍ୱାଗତ କରିବା ସହିତ ରାଜ୍ୟ ସରକାର ସେମାନଙ୍କୁ ପୋଷାକ ଓ ବ୍ଲେଜର ଇତ୍ୟାଦି ପ୍ରଦାନ କରି ସେମାନଙ୍କ ସାମାଜିକ ପ୍ରତିଷ୍ଠାକୁ ସଶକ୍ତ କରୁଥିବା ପଦକ୍ଷେପକୁ ପ୍ରଶଂସା କରାଯାଉଥିଲା। ଏହି ଅବସରରେ ଟାଙ୍ଗୀବ୍ଲକର ୨୬ଟି ପଞ୍ଚାୟତର ୧୭୦୯ ଏସ୍‌ଏସ୍‌ଜି ମହିଳାମାନଙ୍କୁ ସମୁଦାୟ ୯୨ ଲକ୍ଷ ୬୪ ହଜାର ଟଙ୍କା ସୁଧ ପ୍ରଦାନ କରାଯାଇଥିଲା। ମହିଳା ଏସଏଚ୍‌ଜିର ସଦସ୍ୟାମାନେ ସୁଧ ଫେରସ୍ତ ପାଇବା ଦ୍ୱାରା ଅଧିକ ସଶକ୍ତ ହୋଇ ପରିବା ସହ ଆଗକୁ ବଢ଼ି ପାରିବେ ବୋଲି ମାଆମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକର କର୍ମଚାରୀ ଓ ଅଞ୍ଚଳର ମିଶନ ଶକ୍ତିର ବହୁ ମହିଳା ସଦସ୍ୟମାନେ ଉପସ୍ଥିତ ଥିଲେ।ଶେଷରେ ବିପିସି ସ୍ୱର୍ଷ ପ୍ରଭା ସାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆକ୍ରମଣ କରି ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ, ୨୭।୨(ସମିସ): ଜଟଣୀ ଥାନା ଅନ୍ତର୍ଗତ ହରିରାଜପୁର କ୍ଲବ ଘର ନିକଟରେ ଦୁଇ ଜଣଙ୍କୁ ଆକ୍ରମଣ କରି ଲୁଟ୍ କରିବା ଘଟଣାରେ ପୁଲିସ ମଙ୍ଗଳବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଲା ହରିରାଜପୁର ବ୍ରାହ୍ମଣ ସାହିର ସୋନୁମ ବାରିକ ଓରଫ୍ ସିପୁ (୨୪)। ଉକ୍ତ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ପୁଲିସ ପୂର୍ବରୁ ଗିରଫ କରିଥିବା ବେଳେ ମଙ୍ଗଳବାର ଅନ୍ୟଜଣେ ସହଯୋଗୀକୁ କାବୁ କରଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସ୍ୱରୁପ ରାୟ ଓ ଆହତ ବ୍ୟକ୍ତି ଦେବାଶିଷ ଉଭୟ କଲେଜ ବନ୍ଧୁ ହୋଇଥିବା ବେଳେ ଡିସେମ୍ବର ୨୪ ତାରିଖ ସକାଳେ ହରିରାଜପୁର ସ୍ଥିତ ସୋମନାଥ ମନ୍ଦିରକୁ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ହରିରାଜପୁର କ୍ଲବ ଘର ସାମ୍ନାରେ ଗାଡ଼ି ରଖି ଫୋନ୍‌ରେ କଥା ହେଉଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ନିକଟକୁ ଆସି କ୍ଲବ ଘର ସାମ୍ନାରେ କାହିଁକି ବାଇକ୍ ପାର୍କିଂ କରିଛ ବୋଲି ପଚାରିଥିଲେ। ପରେ ଦୁଇ ବନ୍ଧୁଙ୍କଠାରୁ ଟଙ୍କା ଆଦାୟ କରିବା ଉଦ୍ଦେଶ୍ୟ ନେଇ ଆକାଉଣ୍ଟ ହ୍ୟାକ୍ କରୁଥିବା ମିଥ୍ୟା ଆରୋପ ଆଣି ଆକ୍ରମଣ କରି ଜୋରଜବରଦସ୍ତ ସେମାନଙ୍କଠାରୁ ବାଇକ୍ ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଡିସେମ୍ବର ୨୬ ତାରିଖରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ମଙ୍ଗଳବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଏ ନେଇ ଜଟଣୀ ଥାନାରେ ଏକ କେସ ନଂ ୪୩୬/୨୩ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଜଟଣୀ ଥାନା ଆଇଆଇସି ସୌମ୍ୟକାନ୍ତ ବଳିୟାରସିଂହ ସୂଚନା ଦେଇଛନ୍ତି।

● ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମି ଫାଇନାଲରେ ଝାରସୁଗୁଡ଼ା

ବେଗୁନିଆ, ୨୭।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାଚ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି, ଅବଦୁଲ ଜବାର ଖାଁ, କାହ୍ନୁ ଚରଣ ପଟ୍ଟନାୟକ ଓ ମୌଲାନା ମୁଜୁବୁର ରେହେମନ୍ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପରେ ଝାରସୁଗୁଡ଼ା ଜିଲ୍ଲା ଆଥଲେଟିକ ଆସୋସିଏସନ ଫୁଟବଲ କ୍ଲବ ଓ ଡିଏମଏସଏଫ ଝାଡଖଣ୍ଡ ଚକ୍ରଧରପୁର ଫୁଟବଲ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ଜିଲ୍ଲା ଆଥଲେଟିକ ଆସୋସିଏସନ ଫୁଟବଲ କ୍ଲବ ୪/୫ ପେନାଲଟିଁ ଗୋଲରେ ବିଜୟ ଲାଭ କରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଛି।ଖେଳକୁ ରେଫରି ସକାବତ ଅଲ୍ଲୀ ଖାଁ, ଲାଇନମ୍ୟାନ ସଗିର ରହମତ, ରାଜୁ ବାରିକଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ। ରମାକାନ୍ତ ପାତ୍ର ଓ ଫୈଜଲ ହୁସେନ ଖାଁ ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

କୁହୁଡ଼ି, ୨୭।୨(ସମିସ): ରତନପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା ' ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଓଡ଼ିଆଭାଷାସାହିତ୍ୟଓସଂସ୍କୃତିବିଭାଗତରଫରୁ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜନହିତ ତଥା ଜନକଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରୁ ଛାତ୍ରବୃତ୍ତି, ମଧୁବାବୁ ପେନସନ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ବସ୍, ମମତା ଯୋଜନା ରେ ବୃଦ୍ଧି, ଖାଉଟି କାର୍ଡଧାରୀଙ୍କୁ ୧୦୦୦ ପ୍ରଦାନ, ମିଶନ ଶକ୍ତି ମହିଳାମାନଙ୍କୁ ସଶକ୍ତି କରଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ଅନୁଦାନ, ବିନା ସୁଧରେ ଋଣ ଓ ହରିଶ୍ଚନ୍ଦ୍ର ଯୋଜନା ସମ୍ପର୍କରେ ସଂକୀର୍ତ୍ତନ ମାଧ୍ୟମରେ ସଚେତନତା କରାଯାଇଥିଲା। ମା ଡୋମଣୀ ଦେବୀ ସଂକୀର୍ତ୍ତନ ମଣ୍ଡଳୀ କଳାକାର ସୁମିତ୍ରା ମୁହୁଲି, ମଣି ମୁହୁଲି, ଅଚ୍ୟୁତ ମୁହୁଲି, ନୀଳମଣି ମୁହୁଲି, ଧନେଶ୍ୱର ମହାପାତ୍ର ଓ ବିନୋଦ ମୁହୁଲି ପ୍ରମୁଖଙ୍କ ପରିବେଷଣ ଉଚ୍ଚକୋଟୀର ଥିବାବେଳେ ଉପସ୍ଥିତ ଜନସାଧାରଣ ମନଭରି ଶ୍ରବଣ କରିଥିଲେ।

## ଐତିହାସିକ ବାଣପୁର ପଞ୍ଚୁଦୋଳ ଯାତ୍ରା ପ୍ରସ୍ତୁତି ବୈଠକ



ବାଣପୁର, ୨୭।୨(ସମିସ) ସମଗ୍ର ବାଣପୁର-ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଐତିହାସିକ ପଞ୍ଚୁଦୋଳ ଯାତ୍ରାରେ ୧୬୪ ଦୋଳ ଠାକୁରଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ହୋଇ ଆସୁଥିବା ଐତିହାସିକ ପଞ୍ଚୁ ଦୋଳ ଯାତ୍ରା ତିଥି ଅନୁଯାୟୀ ଚଳିତ ମାର୍ଚ୍ଚ ମାସ ୩୦ ତାରିଖରେ ଦେବା ଦେବୀଙ୍କ ଆଗମନ ଓ ୩୧ ତାରିଖରେ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପଞ୍ଚୁଅଦୋଳ ଯାତ୍ରା କମିଟିର ସମ୍ପାଦକ ମାଧବଚନ୍ଦ୍ର ବାରିକଙ୍କ ଆବାହାକତ୍ୱରେ ଉପସଭାପତି ବିରଭଦ୍ର କାଣ୍ଡିଙ୍କ ସଭାପତିତ୍ୱରେ ମଙ୍ଗଳବାର ଅପରାହ୍ନରେ ପଲଟଣ ପଡ଼ିଆ ସ୍ଥିତ ଛାୟା ମଣ୍ଡପରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ମହାଆଡ଼ମ୍ବର ସହକାରେ ପଞ୍ଚୁଅଦୋଳ ଯାତ୍ରା ପାଳିତ ହେବ ବୋଲି ସ୍ଥିରିକୃତ ହୋଇଛି। ପୁରାତନ କାର୍ଯ୍ୟକରୀ କମିଟିର ତିନି ବର୍ଷର କାର୍ଯ୍ୟକାଳ ପୁରଣ ହୋଇଯାଇ ଥିବାରୁ ବୈଠକରେ ସର୍ବ ସମ୍ମତି କ୍ରମେ କମିଟିକୁ ଭଙ୍ଗା ଯାଇଥିବା ସହ ଆସନ୍ତା ବୈଠକରେ ନୂତନ କମିଟି ଗଠନ ହେବାକୁ ନିଷ୍ପତି ନିଆଯାଇଛି। ତେବେ ଏହି ଯାତ୍ରା ଧୁମଧାମର ସହ ପାଳନ କରିବା ସହିତ ଯାତ୍ରା କିପରି ସରସ ସୁନ୍ଦର ହୋଇପାରିବ ସେଥି ନିମନ୍ତେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ତେବେ ଚଳିତ ବର୍ଷ ଯାତ୍ରାରେ ପ୍ରବଳ ଜନସମାଗମ ହେବାକୁ ଥିବା ବେଳେ ଶାନ୍ତି ଶୃଙ୍ଖଳା ନିମନ୍ତେ ଯାତ୍ର ପଡ଼ିଆରେ ବ୍ୟାପକ ପୁଲିସ ମୁତୟନ କରାଯିବା ନେଇ ଯଥାଶୀଘ୍ର ବୈଠକ ଡକାଯାଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି। ଠାକୁରଙ୍କ ଆଗମନ ତଥା ମାର୍ଚ୍ଚ ୩୦ ତାରିଖ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ସ୍ଥିର କରାଯାଇଛି। ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣାଙ୍କ ସମେତ ଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସମସ୍ତ ମନ୍ଦିରର ଟ୍ରଷ୍ଟି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ଦିଲିପ-ସଞ୍ଜୀବ ସ୍ମାରକୀ ଫୁଟବଲ: ଫାଇନାଲରେ ଶରଧାପୁର

କାଳୁପଡ଼ାଘାଟ, ୨୭।୨(ସମିସ): ଟାଙ୍ଗୀବଡପାରୀ ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଦିଲିପ - ସଞ୍ଜୀବ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର କରଡାପଲୀ ଫୁଟବଲ କ୍ଲବ୍ ଓ ଶରଧାପୁର ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ଶରଧାପୁର ଫୁଟବଲ କ୍ଲବ୍ ୫-୪ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଅତିଥି ଭାବେ ସମାଜ ସେବୀ ଗୋପାଳ ପାଲଟା ସିଂହ, ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ବେହେରା, ପ୍ରାକ୍ତନ ସେନା ଅଧିକାରୀ ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅବିନାଶ ପଟ୍ଟନାୟକ, ବିପିନ ସାମନ୍ତରାୟ, ରାଜୁ ସାହୁ ଓ ପ୍ରଣୟ ପାଇକରାୟ ପରିଚାଳନା କରିଥିଲେ।

## ଖୋର୍ଦ୍ଧା କ୍ରିକେଟ୍ ଏକାଡେମୀ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ




ଖୋର୍ଦ୍ଧା, ୨୭।୨(ସମିସ): କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଆଜି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି।ଏହି ପ୍ରରିପ୍ରେକ୍ଷୀରେ କ୍ରିକେଟ୍ ଷ୍ଟାଡ଼ିୟମ, କ୍ରିକେଟ୍ ଏକାଡ଼େମୀ ଏବଂ ସ୍ପୋର୍ଟସ କମ୍ପ୍ଲେକ୍ସ ଭଳି ସମଗ୍ର ଓଡ଼ିଶାରେ ୪୨ଟି ସ୍ଥାନରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆସ୍ଥିତ ମିନି ଷ୍ଟାଡ଼ିୟମକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି।ଏହି ଲୋକାର୍ପଣ ଉତ୍ସବରେ କ୍ରିକେଟ୍ ଆସୋସିଏସନର ସଭାପତି ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଜିଲ୍ଲାପାଳ ଚଞ୍ଚଳ ରାଣା, ଚଣ୍ଡିପ୍ରସାଦ ଆଚାର୍ଯ୍ୟ, ସହ ସମ୍ପାଦକ କାଜଲ ବଳିୟାରସିଂ ପ୍ରମୁଖ ଷ୍ଟାଡ଼ିୟମରେ ଉପସ୍ଥିତ ରହିଥିଲେ।ଏଥିସହ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଖେଳାଳୀ ଉପସ୍ଥିତ ରହି ଏଲିଡ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ତେବେ ଏହି ମିନି ଷ୍ଟାଡ଼ିୟମରେ କ୍ରିକେଟ୍ ଏକାଡ଼େମୀ ସହ ଟର୍ଫ ୱିକେଟ୍, ଆଷ୍ଟ୍ରୋଟର୍ଫ, ବୋଲିଂ ମେସିନ୍ ଭଳି ଅନେକ କ୍ରୀଡ଼ା ସାମଗ୍ରୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ ଯୋଗାଇ ଦେଇଥିବା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବ୍ରିଜେଶ ପ୍ରଧାନ କରିଛନ୍ତି। ଲୋକର୍ପଣ ଉତ୍ସବ ପରେ ପରେ କଟକ ବାରବାଟି ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କ୍ରୀଡ଼ାବିତ୍ ଓ ଅତିଥିମାନେ ଉପଭୋଗ କରିଥିଲେ।

**ମଲ୍ଲିପଦର 'ଆମ ଗାଁ' ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

# ମହୋତ୍ସବ ମନୋରଞ୍ଜନ ଖୋରାକ ଯୋଗାଇଥାଏ

ବେଗୁନିଆ, ୨୭।୨( ସମିସ):



ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଆମ ଗାଁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ ଅଧ୍ୟକ୍ଷତା ଓ ଉପସ୍ଥାପକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଚଳଚ୍ଚିତ୍ର ଅଭିନେତା ଦୁର୍ଗା ମାଧବ ପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ସମାଜସେବୀ ସୁବାସ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ କୁମାର ହୋତା, ଓଡ଼ିଶୀ ନୃତ୍ୟଶିଳ୍ପୀ ମୋନାଲିସା ଷଡ଼ଙ୍ଗୀ ଓ ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ମନୋରଞ୍ଜନର ଖୋରାକ ଯୋଗାଇ ଥାଏ ବୋଲି ମତ ପ୍ରକାଶ କରିଥିଲେ।ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ମିହିର ରଞ୍ଜନ ମହାପାତ୍ର, ଉଦଘୋଷକ ସନ୍ଦିପ୍ତ କୁମାର ପଟ୍ଟନାୟକ, ଆଶାକର୍ମୀ ସସ୍ମିତା ସ୍ୱାଇଁ ଓ ଅଭିନେତ୍ରୀ ଅନୁସୁୟା ରାଉତରାୟ ଓ ଶର୍ମିଷ୍ଠା ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କୋରାପୁଟ ଢେମସା ନୃତ୍ୟ, ସୁର ସରଗମ୍ ଲୁଇସିଂହା, ବେଗୁନିଆ ମଡର୍ଣ୍ଣ ଡ୍ୟାନସ ଓ ବଡବେରଣା ଫୋକ ଡ୍ୟାନସ ଭୁବନେଶ୍ୱର ଓଡ଼ିଶୀ ନୃତ୍ୟ, ପୁରୀ ରଙ୍ଗଶାଳା ଭୂମିକା ନାଟ୍ୟଏକାଡେମୀର ପେଟେଣ୍ଟ ମେଡ଼ିସିନ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଅନୁଷ୍ଠାନର ସଭାପତି ବିଦ୍ୟାଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

